

Odia Daily

www.theutkalsamachar.com

ଉତ୍କଳ ସମାଗମ

ଦୈନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:202+ 19 November 2026 (Thursday)+ Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୨୦୨+ ୧୯ ନଭେମ୍ବର ୨୦୨୬ (ଗୁରୁବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ରୁଷରେ ବଡ଼ ବିମାନ ଦୁର୍ଘଟଣା :
ମଝି ଆକାଶରେ ବିମାନରେ ଲାଗିଲା ନିଆଁ, ୧୭ ମୃତ




ନୂଆଦିଲ୍ଲୀ,୧୮/୧୧: ରୁଷିଆର ଜେମେରୋଲୋ ଅଞ୍ଚଳରେ ଏକ ଇଲ-୧୨ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ସମସ୍ତ ୧୭ ଜଣଙ୍କର ମୃତ୍ୟୁ ହୋଇଛି । ପ୍ରତ୍ୟକ୍ଷଦର୍ଶୀ ଏବଂ ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବିମାନଟି ହଠାତ୍ ମଝି ଆକାଶରେ ନିଆଁ ଲାଗିଯାଇଥିଲା । ତା'ପରେ ବିମାନଟି ତୁଚ ଗତିରେ ତଳକୁ ଖସିବାକୁ ଆରମ୍ଭ କରିଥିଲା ଏବଂ ଧକ୍କା ହେବା ମାତ୍ରେ ବିସ୍ଫୋରଣ ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିମାନରେ ଥିବା କାହାକୁ ବଚାଇ ପାରିନଥିଲେ । ରୁଷିଆର ଗଣମାଧ୍ୟମ ରେଡ୍ ଟିଭି ଅନୁଯାୟୀ, ଜେମେରୋଲୋ ଅଞ୍ଚଳର ରାଜ୍ୟପାଳ ଇଲିଆ ସେରଭ୍ୟୁଏ ସ୍ଥାନୀୟ ସମୟ ପ୍ରାୟ ରାତି ୯.୩୦ ରେ ଦୁର୍ଘଟଣା ଘୋଷଣା କରିଥିଲେ । ବିମାନଟି ନିଆଁ ଲାଗିଯାଇଥିଲା, ଏବଂ ଜ୍ୱାଳନ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜଳୁଥିବା ବିମାନକୁ ଆବାସିକ କୋଠା ଠାରୁ ଦୂରରେ ରଖିବା ପାଇଁ ଚେଷ୍ଟା କରିଥିଲେ ଯାହା ଫଳରେ ଭୂମିରେ କୌଣସି କ୍ଷତି ନହୁଏ । ବିମାନଟି ସାଇବେରିଆର ନୋଭୋସିବିର୍ସ୍କ ଛାସନୋୟାର୍ସ୍କ ଡ୍ରାଇଭ ଜାନଟ୍ସ ଯାତ୍ରା କରୁଥିଲା । ରାଜ୍ୟପାଳ ସେରଭ୍ୟୁଏ କହିଛନ୍ତି ଯେ ଦୁର୍ଘଟଣାସ୍ଥଳରେ ଏକ ଜରୁରୀକାଳୀନ ପ୍ରତିକ୍ରିୟା କେନ୍ଦ୍ର ସ୍ଥାପନ କରାଯାଇଛି । ଘଟଣାସ୍ଥଳରେ ଡାକ୍ତରୀ ଦଳ, ପୋଲିସ, ଜରୁରୀକାଳୀନ ସେବା ଏବଂ ନ୍ୟାସନାଲ୍ ଗାର୍ଡ ସୈନିକଙ୍କୁ ନିୟୋଜିତ କରାଯାଇଛି । ଦୁର୍ଘଟଣାର ସଠିକ୍ କାରଣ ବର୍ତ୍ତମାନ ଅଜଣା, ଏବଂ ଏହି ଘଟଣାର ତଦନ୍ତ ଚାଲିଛି । ଆଣ୍ଟୋନୋଭ୍ ଇଲ-୧୨ ହେଉଛି ୧୯୫୦ ଦଶନ୍ଧରେ ଡିଜାଇନ୍ କରାଯାଇଥିବା ଏକ ସୋଭିଏତ୍ ସୁପର ଚାରି ଇଞ୍ଜିନ୍ ସାମରିକ କାର୍ଗୋ ବିମାନ । ଏହା ମୁଖ୍ୟତଃ ସୈନ୍ୟ, ସାମରିକ ଉପକରଣ ଏବଂ ସୋଘାଣ ପରିବହନ ପାଇଁ ବ୍ୟବହୃତ ହୁଏ । ରୁଷିଆନ୍ ସାମରିକ ବିମାନ ସମ୍ପତ୍ତି ଚାଲିମ ଏବଂ ଗତି ସମୟରେ ଅନେକ ଥର ଦୁର୍ଘଟଣାଗ୍ରସ୍ତ ହୋଇଛି । ଅକ୍ଟୋବର ମାସରେ, ବାଲ୍ଟିକ୍ ସାଗର ନିକଟସ୍ଥ କାଲିନିନଗ୍ରାଡ୍ ଅଞ୍ଚଳରେ ଏକ ରୁଷୀୟ ୟୁଟ୍-୩୦ ଲଢୁଆ ବିମାନ ନିୟମିତ ଚାଲିମ ଉଡ଼ାଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

ତେଲେଙ୍ଗାନାରେ ୧ କୋଟି ପରିବାରକୁ ମିଳିବ "ଇନ୍ଦିରାମ୍ମା ପରିବାର ବୀମା" ସୁବିଧା



ହାଇଦ୍ରାବାଦ,୧୮/୧୧: ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ରାଜ୍ୟର ୧ କୋଟି ପରିବାରକୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ପ୍ରସ୍ତାବିତ ''ଇନ୍ଦିରାମ୍ମା ପରିବାର ବୀମା'' ଯୋଜନା ଅଧୀନରେ ବୀମାଭୁକ୍ତ କରାଯିବ ବୋଲି ଘୋଷଣା କରିଛନ୍ତି । ଆସନ୍ତା ନଭେମ୍ବର ୧୯ ତାରିଖରେ ସିଦ୍ଦିପେଟଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଏହି ଯୋଜନାର ଆବେଦନ ପ୍ରକ୍ରିୟାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବେ । ଏଥିସହିତ ରାଜ୍ୟର ଯୋଗ୍ୟ ଗରିବ ମହିଳାମାନଙ୍କୁ ''ଇନ୍ଦିରାମ୍ମା ଶାଡ଼ୀ'' ବଣ୍ଟନ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରାଯିବ । ମଙ୍ଗଳବାର ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଭିନ୍ନ ଭିନ୍ନ ବୀମା ଯୋଜନାଗୁଡ଼ିକୁ ଗୋଟିଏ ଛତା ତଳକୁ ଆଣିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ ବିଜ୍ଞପ୍ତି ଅନୁଯାୟୀ, ନୂତନ ଇନ୍ଦିରାମ୍ମା ବୀମା ଯୋଜନାରେ ଜୀବନ ବୀମା ରାଶିକୁ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ବର୍ତ୍ତମାନର ଯୋଜନାଗୁଡ଼ିକରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୀବନ ବୀମା ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ବୀମା ସୁବିଧା ମିଳୁଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଅବଗତ କରାଇଥିଲେ । ତେବେ ସମସ୍ତ ଯୋଜନାର ମିଶ୍ରଣ ପରେ ମଧ୍ୟ ପୂର୍ବରୁ ମିଳୁଥିବା ୧୦ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ସୁବିଧା ଅପରିବର୍ତ୍ତିତ ରହିବ ଏବଂ ବର୍ତ୍ତମାନ ବୀମା ସୁରକ୍ଷା ପାଉଥିବା କୌଣସି ହିତାଧିକାରୀ ଯେପରି ଏଥିରୁ ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଗଞ୍ଜାମ ଜିଲ୍ଲାରେ ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ବନ୍ଦ



ଛତ୍ରପୁର,୧୮/୧୧(ନି/ପ୍ର): ସମ୍ଭାବ୍ୟ ବାତ୍ୟା 'ଅକବାନ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି । ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ନଭେମ୍ବର ୧୯ ଓ ୨୦ ତାରିଖରେ ଗଞ୍ଜାମ ଜିଲ୍ଲା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ଏହାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ଏହି ନିଷ୍ପତ୍ତି ନେଇଛି । ଜିଲ୍ଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ଏବଂ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ବନ୍ଦ ରହିବ । ତେବେ ଶିକ୍ଷାନୁଷ୍ଠାନ ବନ୍ଦ ରହିଲେ ମଧ୍ୟ ସମ୍ପୃକ୍ତ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟସ୍ଥଳୀରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ରହିଛି । ଅତ୍ୟାବଶ୍ୟକ ପଡ଼ିଲେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯିବ । ଏଥିନିମନ୍ତେ ପାନୀୟ ଜଳ, ବିଦ୍ୟୁତ୍ ଫଂଯୋଗ, ପାଖୁର ବ୍ୟାଟ୍‌ପଥ ଓ ପରିମଳ ବ୍ୟବସ୍ଥା ସମେତ ଆବଶ୍ୟକୀୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଉଲ'ଜର୍ତ୍ତପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

ଭୟଙ୍କର ଭୂକମ୍ପ, ଥରିଲା ଚାମୋଲି

ଚାମୋଲି,୧୮/୧୧: ଉତରାଖଣ୍ଡର ଚାମୋଲି ଜିଲ୍ଲାରେ ରୁଟଟି ଭୂମିକମ୍ପ ଅନୁଭୂତ ହୋଇଛି । ଖରର ମୁତାବକ ବୁଧବାର ସକାଳ ୧୦ଟା ୨୧ ମିନିଟରେ ଚାମୋଲି ଜିଲ୍ଲାରେ ପ୍ରଥମ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାର ତୀବ୍ରତା ରେକ୍ଟର ସ୍କେଲରେ ୪.୧ ରହିଥିବା ବେଳେ ଭୂପୃଷ୍ଠରୁ ୧୦ କିଲୋମିଟର ଗଭୀରତାରେ ଏହାର କେନ୍ଦ୍ରସ୍ଥଳ ରହିଥିଲା । ସେହିପରି ସକାଳ ୧୦ଟା ୫୨ ମିନିଟରେ ଦ୍ୱିତୀୟ ଥର ପାଇଁ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାର ତୀବ୍ରତା ୨.୮ ରେକର୍ଡ କରାଯାଇଥିବା ବେଳେ ଭୂପୃଷ୍ଠରୁ ୫ କିଲୋମିଟର ଗଭୀରତାରେ ଏହାର କେନ୍ଦ୍ରସ୍ଥଳ ଥିଲା । ଅଳ୍ପ ସମୟ ବ୍ୟବଧାନରେ ଦୁଇଥର ଭୂକମ୍ପ ହେବା ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ତେବେ ଏହି ଭୂକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି କିମ୍ବା ଜୀବନହାନି ହୋଇଥିବାର ସୂଚନା ନାହିଁ ।

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାରଙ୍କ ପ୍ରସ୍ତୁତି



ଭୁବନେଶ୍ୱର,୧୮/୧୧(ନି/ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଅକ୍ବାନ' ନେଇ ଓଡ଼ିଶାକୁ ରେଡ୍ ୱାର୍ଣ୍ଣିଂ । ୧୯ ଓ ୨୦ ପାଇଁ ଓଡ଼ିଶାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦ ପର୍ଯ୍ୟନ୍ତ ବେଳାଭୂମି ପର୍ଯ୍ୟଟନ ବନ୍ଦ ରଖାଯାଇଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସତର୍କ ସୂଚନାକୁ ଦୃଷ୍ଟିରେ ରଖି ଝଡ଼ଜଳ ପକ୍ଷରୁ ପର୍ଯ୍ୟଟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବ । ପ୍ରବଳ ପବନ, ଭାରୀ ବର୍ଷା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳମଗ୍ନ ହେବାର ଆଶଙ୍କା ରହିଛି । ତେଣୁ ପର୍ଯ୍ୟଟକ, ପରିଦର୍ଶକ, ପର୍ଯ୍ୟଟନ କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ସୁରକ୍ଷା ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ଜିଲ୍ଲାପାଳ, ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସମସ୍ତ ପର୍ଯ୍ୟଟନ କର୍ତ୍ତୃପକ୍ଷ, ଟୁର ଅପରେଟର, ହୋଟେଲ ଓ ରିସର୍ଟଗୁଡ଼ିକୁ ଜଟଜଣା କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି । ସମ୍ବେଦନଶୀଳ ବେଳାଭୂମିରେ ପର୍ଯ୍ୟଟନ ସମେତ ସମୁଦ୍ର ସ୍ନାନ, ଡୋଙ୍ଗି, ୱାଟର ସ୍କୋର୍ଟସ୍, ପୁଲର ଚୁଟ୍ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ପର୍ଯ୍ୟଟନ କାର୍ଯ୍ୟକଳାପକୁ ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ ।

୨୦ ପର୍ଯ୍ୟନ୍ତ ବେଳାଭୂମି ପର୍ଯ୍ୟଟନ ବନ୍ଦ

।ସୁରକ୍ଷିତ ବେଳାଭୂମି, ଜେଟି, ଉପକୂଳବର୍ତ୍ତୀ ଭ୍ରୁଙ୍ଗ ପଏଂଟ ଏବଂ ଅନ୍ୟାନ୍ୟ ବିପଦସଙ୍କୁଳ ପର୍ଯ୍ୟଟନ ସ୍ଥଳୀକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ଜଟଜଣା ଲଗାଯିବ । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ସହାୟତାରେ ବ୍ୟାରିକେଡ୍, ଓ ସତର୍କତା ସୂଚନା ଫଳକ ଲଗାଯିବାର ବ୍ୟବସ୍ଥା କରାଯିବ । ଉପକୂଳବର୍ତ୍ତୀ ଅଞ୍ଚଳର ସମସ୍ତ ହୋଟେଲ, ରିସର୍ଟ ଓ ଟୁର ଅପରେଟରମାନେ ଅତିଥିମାନଙ୍କୁ ସତର୍କ କରାଇବା ସହ ବାହାରକୁ ବୁଲିବା କାର୍ଯ୍ୟକ୍ରମ ବାତିଲ କରିବେ । ଏହା ସହ ସ୍ଥାନାନ୍ତର କିମ୍ବା ଆଶ୍ରୟସ୍ଥଳୀ ସମ୍ବନ୍ଧୀୟ ପ୍ରଶାସନିକ ନିର୍ଦ୍ଦେଶ ପାଳନ କରିବା ଏବଂ ବାତ୍ୟା ଉପକୂଳବର୍ତ୍ତୀ ଅଞ୍ଚଳରେ ଜନସାଧାରଣଙ୍କ ଓ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ମାଧ୍ୟମ ଏବଂ ପର୍ଯ୍ୟଟନ ପ୍ରତିଷ୍ଠାନଗୁଡ଼ିକ ଜରିଆରେ ବିଭିନ୍ନ ଭାଷାରେ ସ୍ପଷ୍ଟ ସୁରକ୍ଷା ପରାମର୍ଶଦିବା ପ୍ରଚାର କରାଯିବ ।

ଲସ୍କର-ଏ-ତୈବାର ଶୀର୍ଷ କମାଣ୍ଡର ନିହତ

ଶ୍ରୀନଗର,୧୮/୧୧: ବୁଧବାର ସକାଳେ ଜମ୍ମୁ ଓ କାଶ୍ମୀରର କୁଲଗାମ ଜିଲ୍ଲାରେ ସୁରକ୍ଷା ବାହିନୀଙ୍କୁ ବଡ଼ ସଫଳତା ମିଳିଛି । ସୁରକ୍ଷା ବାହିନୀ- ଆତଙ୍କବାଦୀଙ୍କ ମଧ୍ୟରେ ଚାଲିଥିବା ଏନକାଉଣ୍ଟରରେ ଏକ ଲସ୍କର-ଏ-ତୈବାର ଶୀର୍ଷ କମାଣ୍ଡର ଲତିଫ ଭଟ୍ ନିହତ ହୋଇଛି । ଏନକାଉଣ୍ଟର ସ୍ଥଳରୁ ନିହତ ଆତଙ୍କବାଦୀ ମୃତଦେହ ଏବଂ ଏକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଚିହ୍ନଟ ପ୍ରକ୍ରିୟା ଜାରି ରହିଛି । ବୁଧବାର ସକାଳେ ସୁରକ୍ଷା ବାହିନୀ ଆତଙ୍କବାଦୀ ଲତିଫ ଭଟ୍‌ଙ୍କୁ ଏକ ଭିଡିଓ କଲ୍ ମଧ୍ୟ କରିଥିଲେ, ଅଧିକାରୀମାନେ ଆତଙ୍କବାଦୀ ଲତିଫକୁ ଆତ୍ମସମର୍ପଣ କରିବାକୁ କହିଥିଲେ । ପ୍ରକାଶିତ ଭିଡିଓରେ, ଜଣେ ଅଧିକାରୀ ଭଟ୍‌ଙ୍କୁ କହୁଥିବା ଶୁଣାଯାଇଥିଲା, "ଆମେ ତୁମ ସହିତ ଅଛୁ ।" କିନ୍ତୁ, ସେ ଆତ୍ମସମର୍ପଣ କରିବାକୁ ମନା କରି କହିଥିଲେ, "ମୁଁ ଆଲ୍ଲାହଙ୍କୁ ଭେଟିବାକୁ ଚାହୁଁଛି । ମୁଁ ବହୁତ ଖୁସି ।" କୁଲଗାମର ଅନେକ ଗାଁରେ ସୁରକ୍ଷା ବାହିନୀ ସେମାନଙ୍କର ଅପରେସନକୁ ଚାଡୁ କରିବା ସହିତ ସକାଳ ହେବା ପୂର୍ବରୁ ପୁଣି ଗୁଳିଚାଳନା ଆରମ୍ଭ ହୋଇଥିଲା ।

ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ଆରମ୍ଭ

ଭୁବନେଶ୍ୱର,୧୮/୧୧(ନି/ପ୍ର): ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହୋଇଛି । ବାତ୍ୟାପ୍ରତି ସୁରମ୍ୟା ପାଢ଼ୀ ବିଧାନସଭାର ଅଧିବେଶନରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବିଧାନସଭାରେ ବିଦଂଗତ ବିଧାୟକ ଓ ସହିତ ଓ ପ୍ରାକୃତିକ ବିପର୍ଯ୍ୟୟରେ ମୃତକମାନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ସମର୍ଥନ କରିଥିଲେ। ଆଜି ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନ ଥିବା ହେତୁ ଅଧିକାଂଶ ବିଧାୟକ ଓ ମନ୍ତ୍ରୀଙ୍କୁ ଦେଖିବାକୁ ମିଳିଛି । ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସମୁଦାୟ ୩୩ଟି କାର୍ଯ୍ୟବିବରଣୀ ରହିଛି । ଅଧିବେଶନର ପ୍ରଥମ ବିବସରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ ହେବ। ନଭେମ୍ବର ୩୦ ତାରିଖରେ ବ୍ୟୟମଞ୍ଜୁରି ବିଲ୍ ପାରିତ ହେବ। ଅଧିବେଶନ ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ବିଧାନସଭା ଅଧିବେଶନ ଆରମ୍ଭ ହେଉଥିବାରୁ ବିଭିନ୍ନ ଦାବି ନେଇ ବହୁ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ସମାବେଶ ଆୟୋଜନ କରାଯିବା ଏହାକୁ ନଜରରେ ରଖି ଲାୟର ପିଏମ୍‌ଜି ଅଂଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଧିବେଶନ ପୂର୍ବରୁ ଆଜି ବିଧାନସଭା ପରିସରରେ ସର୍ବଦଳୀୟ ବୈଠକ ଡକାଯାଇଥିଲା । ବାତ୍ୟାପ୍ରତି ସୁରମା ପାଢ଼ୀ ଏଥିରେ ଅଧ୍ୟକ୍ଷତା କରି ଗୃହ କାର୍ଯ୍ୟ ସୁରୁଖୁରୁରେ ପରିଚାଳନା ପାଇଁ ସବୁ ଦଳର ସହଯୋଗ ଲୋଡ଼ିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପଜାତ୍ୟତ୍ତର ଉନ୍ନୟନ ଶଙ୍କର ଭୋଇ, ଏଂସଦୀୟ ବ୍ୟାପାର ମନ୍ତ୍ରୀ ସୁଲେଖା ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଜେଡି ବିଧାୟକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଉପସ୍ଥିତ ଥିଲେ।

ଶୋକ ପ୍ରସ୍ତାବ ଆଗତ କଲେ ମୁଖ୍ୟମନ୍ତ୍ରୀ



ଟଙ୍କା ପାଇଁ ଯୁବ ବ୍ୟବସାୟୀଙ୍କୁ ହତ୍ୟା !

ବୌଦ୍ଧ,୧୮/୧୧(ନି/ପ୍ର): ଟଙ୍କା ନେଣଦେଣକୁ କେନ୍ଦ୍ର କରି ଯୁବ ବ୍ୟବସାୟୀଙ୍କୁ ହତ୍ୟା । ୩୦ ହଜାର ଟଙ୍କା ଦେବାର ପ୍ରଲୋଭନ ଦେଖାଇ ୪ ଜଣଙ୍କୁ ହତ୍ୟାକାଣ୍ଡ ପାଇଁ ନିୟୋଜିତ କରିଥିଲେ ଜଣେ ଶିକ୍ଷକ । ବୌଦ୍ଧର ଯୁବ ବ୍ୟବସାୟୀ ବିରୂପାକ୍ଷ ଅଗ୍ରୱାଲଙ୍କ ମୃତ୍ୟୁ ଘଟଣାରେ ଏଭଳି ଚାଂଚଲ୍ୟକର ତଥ୍ୟ ବେରିଛି ପୁଲିସ । ଘଟଣାରେ ୩ ଅଭିଯୁକ୍ତଙ୍କୁ ବୌଦ୍ଧ ପୁଲିସ ଗିରଫ କରିଥିବାବେଳେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଶିକ୍ଷକ ସ୍ୱାଧୀନ ପ୍ରଧାନ ଏବେ ବି ପେଚାର ଅଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ପବୁନ୍ ମହାନଈଆ, ପ୍ରମୋଦ ବର୍ହିର ଓ ଅବିନାଶ ସ୍ୱାଇଁ । ପୁଲିସର ସୂଚନା ଅନୁସାରେ, ଏହି ହତ୍ୟାକାଣ୍ଡ ପଛରେ ଶିକ୍ଷକ ସ୍ୱାଧୀନ ପ୍ରଧାନଙ୍କ ହାତ ରହିଛି । ଟଙ୍କା ନେଣଦେଣ କାରବାରକୁ ନେଇ ବିରୂପାକ୍ଷଙ୍କ ସହ ତାଙ୍କର ବିବାଦ ଥିବା ସୂଚନା ମିଳିଛି । ଏହି ବିବାଦରୁ ହତ୍ୟା ପାଇଁ ଯୋଜନା କରିଥିଲେ ସ୍ୱାଧୀନ । ଅଭିଯୋଗ ଅନୁସାରେ, ୩ ଗିରଫ ଅଭିଯୁକ୍ତଙ୍କୁ ୩୦ ହଜାର ଟଙ୍କା ଦେବାକୁ କହି ହତ୍ୟାକାଣ୍ଡ ଘଟାଇଥିଲେ ଶିକ୍ଷକ । ୪ ଜଣ ମିଶି ଠେଙ୍ଗାରେ ପିଟି ପିଟି ବିରୂପାକ୍ଷଙ୍କୁ ହତ୍ୟା କରିଥିବା ପୁଲିସ କହିଛି । ଏନେଇ ବୌଦ୍ଧ ଏସ୍‌ପି ଭୁଲବାପ ମୀନା ସୂଚନା ଦେଇଛନ୍ତି । ନିଖୋଜ ହେବାର ୫ ଦିନ ପରେ ବିରୂପାକ୍ଷଙ୍କ ମୃତଦେହ ଠାବ ହୋଇଥିଲା । ବୌଦ୍ଧ-ତେନ୍ତୁଳିଖୋଲ ରାସ୍ତାର ଜଦକାଗଡ଼ି ନିକଟସ୍ଥ ଚଉଗାଡ଼ ଜଙ୍ଗଲରୁ ମୃତଦେହ ମିଳିଥିଲା ।

କ୍ୱାଡ୍ ମଂଚରୁ ହୃଦୟ ଜିଣିଲେ ମୋଦି, ତଳୁ ତ୍ରିରଙ୍ଗା ଉଠାଇ ପକେଟରେ ରଖିଲେ



ନୂଆଦିଲ୍ଲୀ,୧୮/୧୧: ଫ



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ : ଲୋକପ୍ରିୟତା ଅପେକ୍ଷା ଦାୟିତ୍ୱବୋଧକୁ ଗୁରୁତ୍ୱ



କେନ୍ଦୁଝର,୧୮/୧୧(ନି/ପ୍ର): ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସାମ୍ବାଦିକତାର ବିଶ୍ୱସନୀୟତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ । ଲୋକପ୍ରିୟତା ଅପେକ୍ଷା ସତ୍ୟନିଷ୍ଠା, ନିରପେକ୍ଷତା ଓ ସମାଜ ପ୍ରତି ଦାୟିତ୍ୱବୋଧକୁ ସର୍ବୋପରି ପ୍ରାଧାନ୍ୟ ଦେବା ହିଁ ସାମ୍ବାଦିକତାର ପ୍ରକୃତ ଧର୍ମ ବୋଲି ଜାତୀୟ ପ୍ରେସ୍ ଦିବସ ଅବସରରେ ମତପ୍ରକାଶ ପାଇଛି । ଜିଲ୍ଲାପାଳଙ୍କ ଜାର୍ଯ୍ୟାଳୟସ୍ଥିତ ବରବାର ହଲ୍‌ଠାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଜାର୍ଯ୍ୟାଳୟ, କେନ୍ଦୁଝର ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହ-୨୦୨୬ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ 'ସାମ୍ବାଦିକତା: ଲୋକପ୍ରିୟତା ବନାମ ଦାୟିତ୍ୱବୋଧ' ଉପରେ ଏହି ଅବସରରେ ଆଲୋଚନା ହୋଇଥିଲା । ପ୍ରେସ୍ କ୍ଲବ୍ ସଭାପତି ଶ୍ରୀ ଜୟକୃଷ୍ଣ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ ଯେ, ଏକ ସୁସ୍ଥ ଓ ସଚେତନ ସମାଜ ଗଠନରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜନସାଧାରଣଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ପହଞ୍ଚାଇବା ସହ ସମାଜର ହିତ ଓ ମଙ୍ଗଳକୁ ପ୍ରାଧାନ୍ୟ ଦେବ ସାମ୍ବାଦିକମାନେ ସମନ୍ୱିତ ଭାବେ ଅଧିକରୁ ଅଧିକ ଜନକଲ୍ୟାଣମୂଳକ ଓ ସକାରାତ୍ମକ ସମ୍ବାଦ ପରିବେଷଣ କରିବା ଆବଶ୍ୟକ । ନିଜ କର୍ତବ୍ୟ ପ୍ରତି ନିଷ୍ଠାବାନ ରହିବା ସହ ସାମ୍ବାଦିକତାର ମର୍ଯ୍ୟାଦା, ନିରପେକ୍ଷତା ଓ ଦାୟିତ୍ୱବୋଧ ବଜାୟ ରଖିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ ଉହିଥିଲେ ଯେ, ସମାଜକୁ ସଠିକ୍ ଦିଗଦର୍ଶନ ଦେବାରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସତ୍ୟନିଷ୍ଠା, ନିରପେକ୍ଷତା ଓ ସକାରାତ୍ମକ ଚିନ୍ତାଧାରାକୁ ଆଧାର କରି ସମାଜର ହିତ ପାଇଁ ନିର୍ଭୀକ ଭାବେ ଖବର ପରିବେଷଣ କରିବା ସହ ଜନସାଧାରଣଙ୍କ ବିଶ୍ୱାସ ଅତୁଟ ରଖିବାକୁ ସେ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ । ସମାରୋହରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରତ୍ୟୁଷ ମହାପାତ୍ର ଏବଂ କେନ୍ଦୁଝରର ସହକାରୀ ବନ ସଂରକ୍ଷକ ଶ୍ରୀମତୀ ଲିଚ୍ଚି ଜୈନ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ସଂଘଭିତ ସାମନ୍ତରାୟ, ବିଜୀପ କୁମାର ସାହୁ, ରାଜେନ୍ଦ୍ର କୁମାର ସାହୁ, ପ୍ରଣୟ ପାଣୀ ଓ ପୂର୍ଣ୍ଣ ପଟ୍ଟନାୟକ ନିଜ ନିଜର ସୁଚିନ୍ତିତ ମତାମତ ରଖିବା ସହ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥିସହ ଉପସ୍ଥିତ ସାମ୍ବାଦିକମାନଙ୍କ ମଧ୍ୟରେ ସାମ୍ବାଦିକତାର ନୈତିକ ମୂଲ୍ୟବୋଧ, ଗଣମାଧ୍ୟମର ସ୍ୱାଧୀନତା, ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣ ଏବଂ ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ଉପରେ ମତବିନିମୟ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସାର୍ଥକ ଅଭିନନ୍ଦନ ରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ଏକ ମଜବୁତ ସେତୁ ଭାବେ କାର୍ଯ୍ୟ କରୁଥିବା ଉଲ୍ଲେଖ କରିଥିଲେ । ସରକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସାମ୍ବାଦିକମାନଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ । ଏଥିସହ ନିରପେକ୍ଷତା, ସଠିକ୍ ତଥ୍ୟ ଓ ସାମାଜିକ ସମ୍ବେଦନଶୀଳତାକୁ ଆଧାର କରି ଖବର ପରିବେଷଣ କରିବା ସହ ଜନସାଧାରଣଙ୍କ ଆଶାଆକାଂକ୍ଷା ଓ ସମସ୍ୟାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ବିଷୟରେ ସାମ୍ବାଦିକମାନେ ନିଜର ଦାୟିତ୍ୱ ନିଷ୍ଠାର ସହ ପାଳନ କରିବା ଉଚିତ ବୋଲି ସେ ମତ ରଖିଥିଲେ । ଜିଲ୍ଲାସ୍ତରୀୟ ଏହି ସମାରୋହରେ ଜିଲ୍ଲାର ବହୁ ସାମ୍ବାଦିକ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ଜ୍ୟୋତିର୍ମୟୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଜାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମାରୋହର ସଫଳ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ଧୁମ୍‌ଧାମ୍‌ରେ ମା' କାଳୀଙ୍କ ଭସାଣି

କେନ୍ଦୁଝର,୧୮/୧୧(ନି/ପ୍ର): କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ସ୍ଥିତ ମା ଶ୍ୟାମ କାଳୀପୂଜା କମିଟି ତରଫରୁ ହେଉଥିବା ମା କାଳୀଙ୍କ ପୂଜା ଶେଷ ହୋଇଥିଲେ ମଧ୍ୟ ଗତକାଲି ସନ୍ଧ୍ୟାରେ ଭସାଣି ଉତ୍ସବ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ୪ଟାରେ ମାଙ୍କୁ ମଣ୍ଡପରୁ ଟ୍ରାକ୍ଟର ଯୋଗେ ବାଜା, ବାଣ ରୋଷଣୀ ଜରି ବଜାର ସାହି, ବଡି ପରିକ୍ରମା କରାଇଥିଲା । ମାଙ୍କୁ ସାହି ବଡ଼ିର ମା, ମାଉସୀ ମାନେ ବହା ପଣା ଜରି ମେଲାଣି ଦେଇଛନ୍ତି । କମିଟିର ସଭାପତି ବିଜୟ କୁମାର ମଣ୍ଡଳ, ସମ୍ପାଦକ ସାବୁଜି ଗିରି, କୋଷାଧ୍ୟକ୍ଷ ପଦ୍ମନ କୁମାର ମଲ୍ଲିକ, ସମେତ ସଦସ୍ୟ ଜଗବନ୍ଧୁ ନାୟକ,ଦେବାନନ୍ଦ ମଣ୍ଡଳ, ଲିପୁନ ମଣ୍ଡଳ, ରଣଜିତ ମଣ୍ଡଳ, ଜିତେନ୍ଦ୍ର ସିଂହ, ପୁଣ୍ଡାନ୍ତ ମଣ୍ଡଳ, ସୁରେଶ ମଣ୍ଡଳ, ବୀରବର ନାୟକ ପ୍ରମୁଖ ଭସାଣି ଉତ୍ସବ ରେ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ନିମନ୍ତେ ଢେଙ୍କିକୋଟ ପୁଲିସ ବିଟ ହାଉସ ପୁଲିସ ଉପସ୍ଥିତ ରହିଥିଲେ । ରାତି ୮ ଟା ବେଳେ ସୀତା ନଦୀ ରେ ବିସର୍ଜନ କରାଜାଇଛି ।

ଡାଙ୍ଗୁଆପଣି ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଅଂଶିଦାର ବୈଠକ

କେନ୍ଦୁଝର,୧୮/୧୧(ନି/ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ପଂଚାୟତ ଡାଙ୍ଗୁଆପଣି ଆଶ୍ରମ ବିଦ୍ୟାଳୟ ରେ ରବିବାର ପିଏପି ବା ଅଭିଭାବକ ଅଂଶିଦାର ବୈଠକ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ବୃଷ୍ଣାସନ ନାୟକ, ମୁଖ୍ୟବକ୍ତା ଭାବେ ଜଟରା ବେଡା ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ହୃଷୀକେଶ ପଲେଇ ଯୋଗ ଦେଇ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ସହ ଶିକ୍ଷକ ମାନଙ୍କ ର ସମନ୍ୱୟ ପିଲାମାନଙ୍କୁ ସଫଳତା ରାସ୍ତା ଦେଖାଇବା ସହଜ ହେବ ବୋଲି ମତ ରଖିବା ସହ ଜନଜାତି ଛାତ୍ର ଛାତ୍ରୀ ମାନଙ୍କୁ ପ୍ରାଥମିକ ଶିକ୍ଷା, ଉଚ୍ଚ ଶିକ୍ଷା ଆଦି ପାଇଁ ମିଳୁଥିବା ସୁବିଧା ସୁଯୋଗ ଓ ସହାୟତା ସମ୍ପର୍କ ରେ ମାର୍ଗ ଦର୍ଶନ ଦେଇଥିଲେ । ସହକାରୀ ଶିକ୍ଷକ ଶ୍ରୀନବୁ କୁମାର ସେଠୀ, ମଧୁସ୍ମିତା ସ୍ୱାଇଁ ଓ ସ୍ୱାତୀ ସୁମନ ମଲ୍ଲିକ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ପରିଚାଳନା କରିଥିଲେ । ଜାର୍ଯ୍ୟକ୍ରମରେ ଉତ୍ତରୀୟ ଦିର୍ସା ମୁଣ୍ଡା ଉତ୍ସବ୍ରୀ ପାଳନ ସହ ଡାଙ୍ଗପ୍ରତି ଶ୍ରଦ୍ଧା ସୁମନ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା । ଶେଷରେ ସାଂସ୍କୃତିକ ଜାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ରାଜ୍ୟସ୍ତରୀୟ କ୍ରିକେଟ୍‌ରେ କେନ୍ଦୁଝର ଚାମ୍ପିୟନ

କ୍ରମାଗତ ବିଜୟ ସହ ୧୭ ବର୍ଷରୁ କମ୍ ବାଳକ ବିଭାଗରେ କେନ୍ଦୁଝର ଜିଲ୍ଲାର ଐତିହାସିକ ସଫଳତା

କେନ୍ଦୁଝର, ୧୮/୧୧(ନି/ପ୍ର): ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା କ୍ରିକେଟ୍ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳକ ବିଭାଗରେ କେନ୍ଦୁଝର ଜିଲ୍ଲା ଦଳ ଚମତ୍କାର ପ୍ରଦର୍ଶନ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି । ଆଜି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ କେନ୍ଦୁଝର ଦଳ ବାଲେଶ୍ୱର ଜିଲ୍ଲା ଦଳକୁ ୪ ୱିକେଟ୍‌ରେ ପରାସ୍ତ କରି ଏହି ଗୌରବମୟ ସଫଳତା ହାସଲ କରିଛି । ପ୍ରତିଯୋଗିତା ଆରମ୍ଭରୁ ଉନ୍ନତ ଖେଳ ପ୍ରଦର୍ଶନ କରି ଆସୁଥିବା କେନ୍ଦୁଝର ଦଳ ଚୂଡାନ୍ତ ବିଜୟ ହାସଲ କରି ନିଜର ଦକ୍ଷତା, ଶୃଙ୍ଖଳା ଓ ଦଳଗତ ଏକତାର ପରିଚୟ ଦେଇଥିଲା । ଫାଇନାଲ୍ ମ୍ୟାଚ୍ ?ରେ ମଧ୍ୟ ଖେଳାଳିମାନେ ଉତ୍କୃଷ୍ଟ ବ୍ରାଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ବିଜୟ ମୁହୂର୍ତ ହାସଲ କରିଥିଲେ । କେନ୍ଦୁଝର ଦଳର ଏହି ଉଲ୍ଲେଖନୀୟ ସଫଳତା ପଛରେ ପ୍ରଶିକ୍ଷକ ସମରଜିତ୍ ସିଂହଙ୍କ ନିରନ୍ତର ପ୍ରଚେଷ୍ଟା, ଉପଯୁକ୍ତ ମାର୍ଗଦର୍ଶନ ଓ ଯୋଜନାବଦ୍ଧ ପ୍ରଶିକ୍ଷଣର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଏଥିସହ ଖେଳାଳିମାନଙ୍କ କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ସମର୍ପଣ ଭାବନା ଦଳକୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି । କେନ୍ଦୁଝର ଜିଲ୍ଲାର ଏହି ଐତିହାସିକ ବିଜୟକୁ ନେଇ ଜିଲ୍ଲାର କ୍ରୀଡ଼ା ପ୍ରେମୀ, ଅଭିଭାବକ ଓ ଜିଲ୍ଲାବାସୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ଲହରୀ ଖେଳିଯାଇଛି । ଏହି ସଫଳତା ଜିଲ୍ଲାର ବିଦ୍ୟାଳୟସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିବା ସହ ଆଗାମୀ ଦିନରେ ଅନେକ ଯୁବ ପ୍ରତିଭାକୁ ପ୍ରେରଣା ଯୋଗାଇବ ।



ବେଗୁନିଆ ବ୍ଲକରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା,୧୮/୧୧(ନି/ପ୍ର): ଜିଲ୍ଲା ପ୍ରଶାସନିକ ଜନ ଅଭିଯୋଗ ଶୁଣାଣୀ ଆରକ୍ଷୀ ଅଧିକ୍ଷକ ପାରମାର ସ୍ନିଗ୍ଧ ପାଣ୍ଡୁପୋତ୍ର ବାସ ଏବଂ ମୁଖ୍ୟ ଜନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁଙ୍କ ମିଳିତ ଅଧକ୍ଷତାରେ ଭଦେବୁନିଆ ପଂଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ବେଗୁନିଆ ବିଧାୟକ ପ୍ରତୀପ କୁମାର ସାହୁ, ବ୍ଲକ୍ ଜନ୍ନୟନ ଅଧିକାରୀ ସତ୍ତୋଷ କୁମାର ଜେନା, ତହସିଲଦାର, ବେଗୁନିଆ, ଆସିଷ୍ଟାଣ୍ଟ ଜଲେଶ୍ୱର, ଅଭିଯୋଗ, ଭୁତନେଶ୍ୱରୀ ଜଏଁ ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତିଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ

ବାତ୍ୟା 'ଅକ୍ତାନ' ମୁକାବିଲା ପାଇଁ ପଚାଂୟତିରାଜ ଓ ପାନୀୟ ଜଳ ବିଭାଗର ଜୋରଦାର ପ୍ରସ୍ତୁତି

ଭୁବନେଶ୍ୱର,୧୮/୧୧(ନି/ପ୍ର): ସମ୍ଭାବ୍ୟ ବାତ୍ୟା 'ଅକ୍ତାନ' ଏବଂ ପ୍ରବଳ ବର୍ଷାର ଆଶଙ୍କାକୁ ଦୃଷ୍ଟିରେ ରଖି ପଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରସ୍ତୁତିକୁ ତୋରଦାର କରାଯାଇଛି । ବିଶେଷକରିବିପଦପ୍ରବଣ ଅଂଚଳରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବିଭାଗୀୟ ପ୍ରସ୍ତୁତି ସମୀକ୍ଷା ବୈଠକରେ ଅଧକ୍ଷତା କରି କମିଶନର ତଥା ଶାସନ ସଚିବ ରୁପା ମିଶ୍ର ଆଳନ କରାଯାଇଥିବା ଆବଶ୍ୟକତାରୁ ଅଧିକ ପ୍ରସ୍ତୁତିରଖିବା ସହ ବାତ୍ୟା ପୂର୍ବରୁ କ୍ଷେତ୍ରରରେ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଆସୁଆ ପ୍ରସ୍ତୁତିର ଅଂଶସ୍ୱରୂପ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପ୍ରଭାବିତ ହେବାର ଆଶଙ୍କା ଥିବା ନଳକୂପ ଓ ଅନ୍ୟାନ୍ୟ ପାନୀୟ ଜଳ ଉତ୍ସଗୁଡ଼ିକୁ ଚିହ୍ନଟ କରି ମ୍ୟାଫି କରାଯାଉଛି । ପୂର୍ବରୁ ହୋଇଥିବା ବର୍ଷା ଯୋଗୁଁ ମାଟିର ଜଳ ଶୋଷଣ କ୍ଷମତା ପ୍ରାୟ ପୂର୍ଣ୍ଣ ହୋଇଥିବାରୁ ଜଳମଗ୍ନ ଓ ଅନ୍ୟାନ୍ୟ ବିପଦପ୍ରବଣ ଅଂଚଳ ଉପରେ ବିଶେଷ ନଜର ରଖାଯାଇଛି । ଏହି ଆକଳନ ଆଧାରରେ ପ୍ରଭାବିତ ହେବାକୁ ଥିବା ଅଂଚଳର ନିକଟତମ ସ୍ଥାନରେ ଜଳ ଟ୍ୟାଙ୍କର ମୁତୟନ ପାଇଁ ଆସୁଆ ପ୍ରସ୍ତୁତିର ଅଂଶସ୍ୱରୂପ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପ୍ରଭାବିତ ହେବାର ଆଶଙ୍କା ଥିବା ଅଂଚଳରେ ପାନୀୟ ଜଳ ସହ ବୈଦନିନ ବ୍ୟବହାର ଓ ରୋଷେଇ ପାଇଁ ଆବଶ୍ୟକ ଜଳ ଉପଲବ୍ଧ କରାଇବାକୁ ବ୍ୟବସ୍ଥା ହେଉଛି । ଏଥିପାଇଁ ଜଳ ଟ୍ୟାଙ୍କରଗୁଡ଼ିକର ଆସୁଆ ମୁତୟନ ଆରମ୍ଭ ହୋଇଛି । ବିଶେଷଜ୍ଞଦି ଯୋଗାଯୋଗ ଦୃଷ୍ଟିରୁ ଦୂର୍ଗମ ଅଂଚଳରେ ନିକଟବର୍ତୀ ଗ୍ରାମଗୁଡ଼ିକୁ ଜଳ ଯୋଗାଣ ପାଇଁ ଗ୍ରାମ ପଚାୟତ କିୟା ଉପଯୁକ୍ତ ପଚାୟତସ୍ତରୀୟ ହେଡ୍‌ରେ ଟ୍ୟାଙ୍କରଗୁଡ଼ିକୁ ରଖାଯିବ । ଏଥିସହ ଜଳ ଟ୍ୟାଙ୍କରରେ ପାନୀୟ ଜଳ ଭର୍ତି ପାଇଁ ଲୋଡିଂ ପଏଂଟଗୁଡ଼ିକୁ ଚିହ୍ନଟ କରାଯାଇ ସେଗୁଡ଼ିକର ସୁରକ୍ଷା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଯାଇଛି । ସ୍ଥାନୀୟ ଆବଶ୍ୟକତାର ଆକଳନ ଓ ତ୍ରୁଟିର ପବକ୍ଷେପ ପାଇଁ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖାଯାଉଛି । ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଶୌଚାଳୟର କାର୍ଯ୍ୟକ୍ଷମତା ବଜାୟ ରଖିବା ପାଇଁ ବୁଢଉରୀୟ ପ୍ରତିନିଧି ଓ ପଚାୟତିରାଜ ଅନୁଷ୍ଠାନ ସବ୍ୟସଂ ସମନ୍ୱୟରେ ବ୍ୟବସ୍ଥା କରାଯାଇଛି । ଜରୁରୀ ପରିସ୍ଥିତିରେ ତ୍ରୁଟିର ପ୍ରତିକ୍ରିୟା ଓ ସେବା ଯୋଗାଣ ସୁନିଶ୍ଚିତ କରିବାକୁ ଗୋଷ୍ଠୀସ୍ତରରେ ପ୍ରସ୍ତୁତି ଓ ଅଭ୍ୟାସମୂଳକ ଡ୍ରିଲ୍ ମଧ୍ୟ କରାଯାଇଛି ।

ମୁରିବାହାଲ ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ତୃତୀୟ ବର୍ଷ ଜାତୀୟ ପ୍ରେସ୍ ଦିବସ ପାଳନ

ବଲାଙ୍ଗୀର,୧୮/୧୧(ନି/ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ତୃତୀୟ ବର୍ଷ ଜାତୀୟ ପ୍ରେସ୍ ଦିବସ ସ୍ଥାନୀୟ ଗାଧାକୃଷ୍ଣ ଓ ଶିବ ମନ୍ଦିର ସମ୍ମୁଖ ପଡ଼ିଆରେ ସୋମବାର ଏକ ଭବ୍ୟ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନ ସଭାପତି ତୁର୍ଗାନନ୍ଦ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଙ୍କଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗଣତନ୍ତ୍ରରେ ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଯୁକ୍ତ ୨ କଲେଜ ଅଧକ୍ଷ ଡ. ରମେଶ ଚନ୍ଦ୍ର ମହାନନ୍ଦ ଯୋଗଦେଇ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସାମ୍ବାଦିକମାନେ ଗ୍ରାଉଣ୍ଡ ଜିରୋକୁ ଯାଇ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରୁଥିବାରୁ ସେମାନଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ଜିଲ୍ଲା ପରିଷଦ ଉପାଧକ୍ଷା ମିଥୁନା ମାଝୀ, ସାଂସଦ ପ୍ରତିନିଧି ତଥା ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ଦେହେରା, ଡ଼ିଗ୍ରୀ କଲେଜ ଅଧକ୍ଷ ସରୋଜ କୁମାର ନାୟକ, ଥାନା ଆଇଆଇସି ବୁଲୁ ମୁଣ୍ଡା, ଆସୋସିଏସନ ଉପଦେଷ୍ଟା ଡ. ଭଗବାନ ମହାନ୍ତି, ଫଂଟାପଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁଣ୍ଡାନ୍ତ କୁଣ୍ଡିର, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ତ୍ରିବିକ୍ରମ ସାହୁ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ବ୍ଲକ ଅଂଚଳର ବିଭିନ୍ନ କ୍ଷେତ୍ରର ୮ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସ୍ୱତନ୍ତ୍ର ରୂପେ ସମ୍ମାନିତ କରାଯାଇଥିଲା । ସମ୍ମାନିତ ବ୍ୟକ୍ତିତ୍ୱମାନେହେଲେ ବରିଷ୍ଠ ସାମ୍ବାଦିକ ଜୀବନାନନ୍ଦ ମହାନ୍ତି, ମେଡିକାଲ୍ ଛାତ୍ର ଆକାଶ ପୁଟେଲ, ଛାତ୍ରୀ ରାଜଶ୍ରୀ ଜୁଅଁର ଓ ଚପଝିନା ବାଗ, ଦକ୍ଷଜଜାକାର ଜଙ୍ଘନ ମହାନନ୍ଦ, ବରିଷ୍ଠ ଙ୍କଟାର୍ତନ ଗୁରୁ ମାର୍କଣ୍ଡ ମହାକୁଡ, ଜାତୀୟ ଆଙ୍କଟା ଖେଳାଳି ଯୁବରାଜ ଜାଲ, ସାରଙ୍ଗୀ କଳାକାର ଜାନ୍ଦୁ ଦେବଗୁରୁ। ଏହି ଅବସରରେ ମୁରିବାହାଲ ସ୍ଥିତି ସ୍କୁଲ, ଜେଡିବିଜି, ହାଇସ୍କୁଲ, ଓଏଚି, ଯୁକ୍ତ-୩ ଓ ଯୁକ୍ତ-୨ କଲେଜର ଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ବାଗ ପୂର୍ବତ୍ୱ ନିର୍ମାଣାଧୀନ ସାମ୍ବାଦିକ ଭବନ ପରିଦର୍ଶନ କରି ଭବନ ନିର୍ମାଣ ପାଇଁ ୬ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ସାଂସଦ ପ୍ରତିନିଧି ଶ୍ରୀ ବେହେରା ମଧ୍ୟ ସାଂସଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଦେବାକୁ

ବିବିଧା

ଆଜିର ରାଶିଫଳ

ମେଷ: ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ପରୀକ୍ଷାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

ମିଥୁନ: ଜ୍ୟୋତିଷୀଙ୍କୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ଦାନ କରିବେ। ମ୍ୟୁଜିକ-ମ୍ୟୁଜିକାଙ୍କ ମଧ୍ୟରେ ମନଲଗ୍ନ ସୃଷ୍ଟି ହେବ। ନିଦେଶ କରିବା ପାଇଁ ଉପଯୁକ୍ତ ସମୟ।

କର୍କଟ: ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୂଦରେ ସମୟଅତିବାହିତ କରିବେ।

ସିଂହ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

କନ୍ୟା: ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ଜ୍ୱାଳାଏ ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ଦେଖାଦେବ।

ତୁଳା: ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ବିଛା: ଜଳାବାତ୍ରିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଜଇଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ସିଦ୍ଧିରା ଆସିବ।

ଧନୁ: ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଉଚ୍ଚଶିକ୍ଷା ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

ମକର: ବିଦ୍ୟାର୍ଥୀ ଜ୍ୟୋତିଷୀଙ୍କୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

କୁମ୍ଭ: ନୂଆ ଜ୍ୟୋତିଷୀ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଚାଶୋନ୍ଧ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରାଞ୍ଜନରେ ସମୟ ଅତିବାହିତ କରିବେ।

ମୀନ: ବ୍ୟବସାୟରେ ବାଧା ଆସିବେ। ଗାତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ ଜ୍ୟୋତ୍ସ୍ନାରେ ଯୋଗ ହେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

ଆଜି ଆସିଥିଲେ

ସାରସ୍ୱତ ସାଧକ ରତ୍ନାକର ଚଇନି



ରତ୍ନାକର ଚଇନି ଜଣେ ପ୍ରତିଷ୍ଠିତ ଓଡ଼ିଆ ସାହିତ୍ୟିକ, ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ, ଏମାଲୋଚକ ଏବଂ ଶିକ୍ଷାବିତ୍ ଥିଲେ। ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିବାରେ ରାଜର ଅବଦାନ ଅତୁଳନୀୟ। ତାଙ୍କ ଜୀବନକାଳରେ ସେ ଶତାଧିକ ଗ୍ରନ୍ଥର ଲେଖିମିଲେ। ୧୯୪୫ ମସିହା ଆଜିର ଦିନରେ ଜଟକ ଜିଲ୍ଲା ସାଲେପୁର ନିକଟ ଅରେଇ ଗ୍ରାମରେ ରତ୍ନାକର ଜନ୍ମଗ୍ରହଣ କରିଥିଲେ। ନେମାକ ହାଇସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ସେ ଖ୍ରୀଷ୍ଟ କଲେଜରୁ ସ୍ନାତକ କରିଥିଲେ। ପରେ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍‌ଏ ପାସ୍ କରି ଉଚ୍ଚତର ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ୧୯୭୯ ମସିହାରେ ଅଧ୍ୟାପନା ଜୀବନ ଆରମ୍ଭ କରିସେ ରାଜେନ୍ଦ୍ର କଲେଜ, ଢେଙ୍କାନାଳ କଲେଜ, ଖଲ୍ଲିକୋଟ କଲେଜ, ରେଭେନ୍ସା କଲେଜ, ବିରେଡି କଲେଜରେ ଜାର୍ଯ୍ୟ କରିବା ପରେ ଶୈକବାଳା ମହାବିଦ୍ୟାଳୟରୁ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ସଫଳ ନାଟ୍ୟକାର ଭାବରେ ସେ ଓଡ଼ିଶାର ନାଟ୍ୟପ୍ରେମୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ରଚିତ ନାଟକ ଓ ଉପନ୍ୟାସ ମଧ୍ୟରେ 'ଅଥର ତାଣ୍ଡବ', 'ଅନ୍ତରାପର ବନ୍ଦ', 'ରାଜହଂସ', 'ମଞ୍ଚ ନାୟିକା', 'ଅପରେବତୀ', 'ପୁନଶ୍ଚ ପୃଥିବୀ', 'ଜଳଇନ ମୂର୍ପାଏ', 'ସୁଖୀ', 'ସୁନା ଜଳଦୀ', 'ଶେଷ ଅଶ୍ରୁ', 'କାଗଯାପୋଶୀ ରାତ୍ରୁ', 'ନତିକେତା ଉଦାତ୍ତ', 'ଅସ୍ୟାନ୍ତ ଗୋଧୂଳି', 'ଜୁହ ଲହରୀ, 'ବିଷ୍ଣୁ ଜଳଯ' ଏବଂ 'ଫୁଲର ପୂରଣ' ଉପ୍ୟାଦି ପାଠକ ମହଲରେ ଆଦୃତି ପାଇଥିଲା। 'ଅଥର ତାଣ୍ଡବ' ନାଟକରେ ସେ ଓଡ଼ିଆ ଆଧୁନିକ ନାଟ୍ୟ ଜଗତରେ ଏକ ନୂତନ ଧାରା ପ୍ରତ୍ତନ କରିଥିଲେ ବୋଲି କୁହାଯାଏ। 'ଏହି ନାଟକ ବହୁଚର୍ଚ୍ଚିତ ମଞ୍ଚସ୍ଥ ହୋଇଛି। ୧୯୭୨ ମସିହାରେ 'ଜଳଜିତ ସୂର୍ଯ୍ୟ' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ ଖୁଦ୍ରଗଙ୍ଗ ଫଟନ୍ଦନ 'ପୁଅ।ଏ ଶୁଅନ୍ତ।', 'ଜହ ଲଜିତା', 'ନିରବ କୋହାହ', 'ନିଷିଦ୍ଧ ଶୁଙ୍କାର', 'ତଥାପି ରାବଣ' ଆଦି ବେଶ୍ ଜନାଦୃତ ହୋଇଥିଲା। ସେ ବେବଳ ଜଣେ ଲେଖିକ ନ ଥିଲେ, ବରଂ ଜଣେ ସଫଳ ସାହିତ୍ୟ ସଂଗଠକ ମଧ୍ୟ ଥିଲେ। ସେ ପ୍ରତିଷ୍ଠା ସାହିତ୍ୟ ଅନୁଷ୍ଠାନ ଭାକୁଳ ସାହିତ୍ୟ ଏମାଲ ଏବଂ 'ଙ୍କସ୍କାର ରାଜତାଂର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ପାଇଁ ତାଙ୍କୁ 'ସାହିତ୍ୟ ରାଜତାଂ ସମ୍ମାନ', 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଏବଂ 'ଙ୍କାର ପୁରସ୍କାର' ଭଳି ଅନେକ ପ୍ରତିଷ୍ଠିତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ମହାନ୍ ସାରସ୍ୱତ ସାଧକଙ୍କର ୨୦୨୦ ମସିହା ଅପ୍ରେଲ ୧୮ ତାରିଖରେ ବଟକରେ ପରଲୋକ ଘଟିଥିଲା।

ଛନ୍ଦକବି ରାଧାମୋହନ ଗଡ଼ନାୟକ



ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ସଫଳ, ପ୍ରତିଭାଶାଳୀ, କାଳଜୟୀ ସ୍ରଷ୍ଟା ହେଲେ ରାଧାମୋହନ ଗଡ଼ନାୟକ। ଛନ୍ଦର ଜାଦିଦ୍ୟ, କବିତାର ଗାମାର୍ଯ୍ୟ, ଭାଷା ଚାତୁରୀ, ବିଷୟ ଚୟନରେ ସେ ଥିଲେ ଅନନ୍ୟ। କେବ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଏହି କବିଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି। ରାଧାମୋହନ ଓଡ଼ିଆ ଜାବ୍ୟ ପରମ୍ପରାର ଜଣେ ଅନ୍ୟତମ ଚାରଣ କବି। ପରମ୍ପରାରେ ଗୌରବ, ନିଯତିରେ ଆସ୍ଥା ତାଙ୍କ ଜାବ୍ୟଧାରାରେ ମୁଖ୍ୟ ସ୍ରୋତରୂପେ ଦେଖାଯାଇଥିଲା। ପୁରାଣ ପୃଷ୍ଠାରୁ, ଇତିହାସ ପୃଷ୍ଠାରୁ, କାହାଣୀରୁ, ଜିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରକୁ ନେଇ ସେ କବିତା ରଚନା କରିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି। ୧୯୧୧ ମସିହା ଆଜିର ଦିନରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର କଇଞ୍ଚାପାଳ ଗାଁରେ ରାଧାମୋହନ ଜନ୍ମ ହୋଇଥିଲେ। ଗଡ଼ସନ୍ତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ମାତ୍ର ଆଠବର୍ଷ ବୟସରେ ସେ ପ୍ରଥମ କବିତା 'ଡାଗ।' ରଚନା କରିଥିଲେ। ଏହାପରେ ସେ ଜଟକସ୍ଥିତ ଖ୍ରୀଷ୍ଟ କଲେଜରେ ପାଠ ପଢ଼ିଲେ। ସେଠାରେ ସେ 'ଜାବ୍ୟନାୟକ' ରଚନା କରି ଖୁବ୍ ପ୍ରଶଂସିତ ହୋଇଥିଲେ। ନିଜସ୍ୱ ଅଧ୍ୟୟନ ବଳରେ ସେ ଇଂରାଜୀ, ସଂସ୍କୃତ, ବଙ୍ଗଳା, ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ଗଭୀର ଜ୍ଞାନର ଅଧିକାରୀ ହୋଇପାରିଥିଲେ। ୧୯୩୭-୧୯୩୮ ମସିହାରେ ଦେଶସେବକ ତଥା ସ୍ୱାଧୀନତା ସଂଗ୍ରାମୀ ତତ୍ତ୍ୱଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଜାତି ଓ ଦେଶପ୍ରେମମୂଳକ ଜବିତାବଳୀ ରଚନା କରିଥିଲେ। ଉତ୍କଳ ସାହିତ୍ୟ ସମ୍ମିଳନୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନର ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଛନ୍ତି। 'କାବ୍ୟ ନାୟିକା', 'ଉତ୍କଳିକା', 'ସୈକୋରିକା', 'ଶାମ୍ପତାର ସ୍ୱପ୍ନ', 'ପଶ୍ଚତ୍ତାପର ଦାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର' ଓ 'ଦାପଶିଖା' ଆଦି ତାଙ୍କର ଅନବଦ୍ୟ କୃତି। 'ସୂର୍ଯ୍ୟ ଓ ଅନ୍ଧକାର' କାବ୍ୟ ପାଇଁ ୧୯୬୫ରେ ତାଙ୍କୁ କେବ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ କେବ୍ର ସାରକାରଙ୍କ ଦ୍ୱାରା ତାଙ୍କୁ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ଅତିବଡ଼ା ଜଗନ୍ନାଥ ଦାସ ପୁରସ୍କାର ପାଇବାରେ ସେ ପ୍ରଥମ ସାହିତ୍ୟିକ। ୨୦୦୦ ମସିହା ଫେବ୍ରୁଆରୀ ୨୧ ତାରିଖରେ ରାଧାମୋହନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଆଜିର ଇତିହାସ

- ୧୮୬୬- ପ୍ରସିଦ୍ଧ ଗୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ଦେହାନ୍ତ।
- ୧୯୫୭- ଭାରତୀୟ ପୋଲୋ ଟିମ୍ ବିଶ୍ୱକପ୍ ଜିତିଲା।
- ୨୦୦୩- ମୁମ୍ବାଇରେ ହୋଇଥିବା ଏକ ଜାର୍ ବିସ୍ଫୋରଣରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଓ ୧୫୦ରୁ ଅଧିକ ଲୋକ ଆହତ।
- ୨୦୧୨- ଚତୁର୍ଥଥରେ ପ୍ରଥମ ଥର ପାଦ ଦେଇଥିବା ଆମେରିକୀୟ ମହାକାଶଚାରୀ ନୀଲ୍ ଆର୍ମଷ୍ଟ୍ରଙ୍କ ବିୟୋଗ।
- ୨୦୧୩- ବିଶିଷ୍ଟ କଣ୍ଠଶିଳ୍ପୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ପରଲୋକ।



ବଦଳିଲା ସଲମାନ୍-ନୟନତାରାଙ୍କ ଫିଲ୍ମର ଟାଇଟଲ

ସ୍ୱାଧୀ ସିନେମାର ପ୍ରସିଦ୍ଧ ନିର୍ଦ୍ଦେଶକ ବାମଶୀ ପେଡ୍ଡିଟ୍ଲା ତାଙ୍କ ଆଗାମୀ ଫିଲ୍ମ ପାଇଁ ସଲମାନ୍ ଖାନ୍‌ଙ୍କୁ ସାଇନ୍ କରିଥିବା ନେଇ ଅନେକ ବିନୟ ଚର୍ଚ୍ଚା ହେଉଛି। ଏଇବର୍ଷ ମାର୍ଚ୍ଚ ମାସରେ ଏହି ଫିଲ୍ମ ବିଷୟରେ ଘୋଷଣା କରାଯାଇଥିଲା। ହେଲେ, ଏଯାବତ୍ ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ। ଫିଲ୍ମର ନାମ କ'ଣ ହେବ ତାକୁ ନେଇ 'ଏଜ୍‌ଡିରେଡ୍‌ସ୍' ରଖାଯାଇଥିଲା। ସଲମାନ୍ ଏବଂ ନୟନତାରାଙ୍କ ଅଭିନୀତ ଏହି ଫିଲ୍ମର ନାମ ଏବେ 'ମନ୍‌ସ୍ୱର' ରଖାଯାଇଛି ବୋଲି ନିବେଦନରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ହେଲେ ଏନେରୁ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବିପରବ ଭାବେ କିଛି କୁହାଯାଇ ନାହିଁ। ଏହି ଫିଲ୍ମ ପାଇଁ ସଲମାନ୍ ସେଟ୍‌ରେ ଅଧିକ ସମୟ ବେଉଠିବାର ମଧ୍ୟ ଜଣାପଡ଼ିଛି। ବତି ଡମ୍ବୁଲଙ୍କର ହୃଦ୍‌ଘାତ ହେବା ପରେ ସଲମାନ୍ ଅଧିକାଂଶ ଷ୍ଟଣ୍ଟ ନିଜେ କରୁଛନ୍ତି। ୨୦୨୭ ଇଦ୍ ଅବସରରେ ଏହା ରିଲିଜ୍ ହେବ। ଏହି ଫିଲ୍ମ ନିର୍ଦ୍ଧାରିତ ସମୟରେ ଯଦି ରିଲିଜ୍ ହୁଏ ତେବେ ସଲମାନ୍‌ଙ୍କୁ ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କୁ ବଡ଼ା ଟକ୍କର ଦେବାକୁ ହେବ। କାରଣ ପ୍ରଭାସଙ୍କ ଅଭିନୀତ 'ସ୍ପିରିଟ୍' ମଧ୍ୟ ସାନ୍ତାବର୍ଷ ଇଦ୍ ଅବସରରେ ରିଲିଜ୍ ହେବ।

ଆଉଥରେ ଭାଇଭାଉଜଙ୍କ ପ୍ରତିଷ୍ଠା ପାଇଁ ସଲମାନ୍

ଭାରତୀୟ ବିବାହଗୁଡ଼ିକରେ କନିଆ ଘର ତରପରୁ ବର ଏବଂ ତାଙ୍କ ପରିବାରଙ୍କୁ ଆଦର ଓ ସମ୍ମାନ ସହ ଅନେକ ପାରମ୍ପରିକ ଉପହାର ଦିଆଯାଇଥାଏ। ହେଲେ ଇଣ୍ଡୋନେସିଆର ଜଣେ ଚେରିଓଲୋଜି ଟେକ୍ନିସିଆନ୍ ନିଜ ବିବାହରେ କନିଆ ପକ୍ଷଙ୍କୁ ସିଟି ସ୍କାନ ମେସିନ୍ ଦେବାର ପ୍ରସ୍ତାବ ରଖି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଜିଦ୍ଦି ଦିନ ପୂର୍ବରୁ ଏହି ରେଡିଓଲୋଜି ଟେକ୍ନିସିଆନ୍‌ଙ୍କର ବିବାହ ସ୍ଥିର ହୋଇଥିଲା। ଯେମନେତେନେକ ବିବାହରେ ଯୌତୁକ ଜମା ହୋଇଥିଲା, ସେତେବେଳେ ସେ ନଗଦ ଟଙ୍କା କି ସୁନାରୂପା ବଦଳରେ କନିଆ ପକ୍ଷଙ୍କୁ ଗୋଟିଏ ସିଟି ସ୍କାନ୍ ମେସିନ୍ ଦେବାକୁ ଚାହିଁଥିଲେ। କନିଆ ପକ୍ଷ ଏଭଳି ଦାବି ଶୁଣି ବର ଜଣକ ମଜାଟ୍ଟା ଉପଢ଼ୌକନ ଏପରି କରିଥିବାର ପାରନ୍ତି ବୋଲି ଭାବିଥିଲେ। ବିବାହ ଦିନ ପାଖେଇ ଆସିଲା। ବରଯାତ୍ରୀମାନେ ବାଣ ରୋଶଣୀ କରି କନିଆ ଘରେ ପହଞ୍ଚିଲେ। ସିଟି ସ୍କାନ ମେସିନ୍‌ର ମୂଲ୍ୟ ଲୋଟ୍ ଲୋଟ୍ ଟଙ୍କା ହୋଇଥିବାରୁ କନିଆ ଘର ପକ୍ଷରୁ ଏଥାକୁ ବେବା ପାଇଁ ସିଧାସିଧା ମନା କରି ଦିଆଯାଇଥିଲା। ଏଥାସତ୍ତ୍ୱେ ବିନା ମେସିନ୍‌ରେ ବିବାହ ହୋଇଯାଇବ ନାହିଁ ବୋଲି ବର ଜଣକ ଖୁବ୍ଟ ଭାବେ କହିବା ସହ କନ୍ୟାଙ୍କୁ ଫୋରାଇ ନେଇଛନ୍ତି। ତେବେ ଏହି ଘଟଣାର ସତ୍ୟାସତ୍ୟର ପ୍ରମାଣ ଏଯାବତ୍ ମିଳି ନ ଥିବାବେଳେ ସାମାଜିକ ଗଣମାଧ୍ୟମରେ ଏହି ମାମଲା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିରେ ଲୋକେ ବିଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



ପରଜୀବୀଙ୍କଠାରୁ ଗାଈଗୋରୁଙ୍କ ସୁରକ୍ଷା

ଏହାଦ୍ୱାରା ଗାଈଗୋରୁ ରକ୍ତହୀନତାର ଶିକାର ହୁଅନ୍ତି। ତେଣୁ ରକ୍ତହୀନତାର ଲକ୍ଷଣକୁ ଦେଖି ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା କରିବା ଉଚିତ। ଗାଈଗୋରୁଙ୍କଠାରେ ବିଭିନ୍ନ ଲକ୍ଷଣ ଦେଖାଯାଏ। ଗାଈଗୋରୁ ଖାଇବା କମାଇ ଦିଅନ୍ତି, ଦୁର୍ବଳ ଦିଶିଥାନ୍ତି, ଆଖି ଶ୍ୱେତା ପଡ଼ିଯିବା, ଅଳ୍ପ ପରିଶ୍ରମରେ ଧଇଁସଇଁ ଲାଗିବା, ଓଜନ ବୃଦ୍ଧି ନହେବା, ଉତ୍ପାଦିକା କ୍ଷମତା ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଗୁଡ଼ାକ ଓ ଏଡାନ ଆକ୍ରାମାୟ ପରିବେଶ ମଳା ରଖିବା ଆବଶ୍ୟକ। ମଶା, ମାଛି ସଂଖ୍ୟା ବୃଦ୍ଧି ନ ହେବାକୁ ନିୟମିତ ବ୍ୟବସ୍ଥାବଳେକ ଧୂଆଁ ଦେଇପାରିବେ। ଗାଈକୁ ଖାଦ୍ୟ ସହ ରୋଜିହ ଖଣିଜ ଲବଣ ଥିବା ପାଉଡର କିମ୍ବା ଟନିକ ଖାଇବାକୁ ଦେବା ଆବଶ୍ୟକ। ଡାକ୍ତରଙ୍କ ପରାମର୍ଶରେ ଔଷଧ ଓ ଭଟ୍ଟାମେସନ୍ ବ୍ୟବହାର କରିପାରିବେ।

ସୁବର୍ତ୍ତା





ଭେଣ୍ଡିରେ ଶୋଷକ ଜାତୀୟ କୀଟ

ଜୁଲାଇ ମାସରେ କରାଯାଇଥିବା ଭେଣ୍ଡି ଚାଷରେ ବର୍ତ୍ତମାନ ଫୁଲ ଓ ଫଳ ଆସିବାର ସମୟ। ଜଗାଣ ବର୍ଷା ଯୋଗୁଁ ଭେଣ୍ଡି ଫସଲରେ ପାଣି ଜମି ଶୋଷକଜାତୀୟ କୀଟ ଯଥା ଜାବ ପୋକ, ପତ୍ର ଡିଆଁ ପୋକ, ପତ୍ର ଉଇଁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଅଧିକ ରହିଛି। ଏହି ମୋଲମାନେ ଲେଉଣ୍ଡି ମନ୍ତ୍ରରୁ ରସ ଶୋଷିଥାନ୍ତି। ଗଛ ବୃଦ୍ଧିରେ ବାଧା ସୃଷ୍ଟି ହୁଏ। ତେଣୁ ଏହି ପୋକଗୁଡ଼ିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୫୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ୍‌ରୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ରାସାୟନିକ ଉପାୟରେ ଏହି କୀଟଗୁଡ଼ିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥାୟୋମିଥୋକ୍ସାମ୍ ଜାତୀୟ କୀଟନାଶକ କିମ୍ବା ୫୦ ଗ୍ରାମ୍ ଏସିଟାମିପ୍ରିଡ ଜାତୀୟ କୀଟନାଶକ କିମ୍ବା ୪୦୦-ମିଲି ନଲମିନ୍ ପାଇଲାଇନ ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଖରାଟିଆ ପାଗ ଦେଖି ଅପରାହ୍ନ ସମୟରେ ସିଞ୍ଚନ କରିପାରିବେ।

ମାଇକ୍ରୋଗ୍ରୀନ୍ ଷ୍ଟାର୍ଟଅପ୍



ଅଧିକାଂଶ ଲୋକ ସରକାରୀ ଚାକିରି ପାଇଁ ସ୍ୱପ୍ନ ଦେଖନ୍ତି। ହେଲେ ବିହାର, ପାଟଣା ଜିଲ୍ଲା, ଗୋପାଳପୁର ଗାଁର ଗୁଲସନ୍ କୁମାର ସରକାରୀ ଚାକିରି ଛାଡ଼ି ମାଇକ୍ରୋଗ୍ରୀନ୍ ଷ୍ଟାର୍ଟଅପକୁ ଆଦର ନେଇଛନ୍ତି।

ଗୁଲସନ୍ କୁମାର ଦୀର୍ଘଦିନ ଧରି ଚାକିରି କରୁଥିଲେ। ଏହି ସମୟରେ ତାଙ୍କର ଯକୃତଜନିତ ସମସ୍ୟା ହୋଇଥିଲା। ମାଇକ୍ରୋଗ୍ରୀନ୍ ସେବନରୁ ସେ ଆରୋଗ୍ୟ ଲାଭ କରିବା ପରେ ଚାକିରି ଛାଡ଼ି ମାଇକ୍ରୋଗ୍ରୀନ୍‌ରୁ ବ୍ୟବସାୟରୂପେ ଗ୍ରହଣ କରିଛନ୍ତି। ମାଇକ୍ରୋଗ୍ରୀନ୍ ବିଭିନ୍ନ ପନିପରିବା, ଶାଗର ଛୋଟ ଓ କଅଁଳ ପତ୍ର। କମ୍ ସ୍ଥାନ ଓ ସାମାନ୍ୟ ଆଲୋକରେ ଏହି ଚାଷ କରାଯାଇଥାଏ। ଚାଷ ପାଇଁ ଡାପମାତ୍ରା ୧୮° ରୁ ୨୨ ଡିଗ୍ରୀ ସେଲ୍‌ସିୟସ୍ ଆବଶ୍ୟକ। ଗୁଲସନ୍ ଜୈବିକ ବିହନ ଚଳନ କରି ଜୋକୋପିଟ୍‌ରେ ବିହନ ଲଗାନ୍ତି। ୨ରୁ ୩ ଦିନ ଅନ୍ଧାରରେ ରଖିଲେ ଅଙ୍କୁରଣ ହେଲା ପରେ ଏହାକୁ ନିୟନ୍ତ୍ରିତ ତାତାବରଣରେ ରଖି ହାଲୁକା ଜଳ ସେବନ କରନ୍ତି। ସେ ୭ରୁ ୧୪ ଦିନ ମଧ୍ୟରେ ମାଇକ୍ରୋଗ୍ରୀନ୍ କାଟି ଅମଳ କରିଥାନ୍ତି। ପାଳଙ୍କ, ମୂଳା, ସୋରିଷ, ଧଣିଆ, ମେଥି, ବ୍ରୋକଲି, ମଟର ପତିହ ଅନ୍ୟାନ୍ୟ ମାଇକ୍ରୋଗ୍ରୀନ୍ ବିକ୍ରି କରନ୍ତି ଗୁଲସନ୍। ଏଥିରୁ ମାସକୁ ସେ ପାଖାପାଖି ୪ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି।

ପାକଶାଳା ବଗିଚା ପ୍ରସ୍ତୁତି

ବର୍ତ୍ତମାନ ପାକଶାଳା ବଗିଚାର ଆଦର ବଢ଼ିଛି। ଏହି ବଗିଚାରୁ ତାଜା ଓ ବିଷମୁକ୍ତ ପନିପରିବା ମିଳିଥାଏ। ତେବେ ବିଶେଷ ଦିଗକୁ ଧ୍ୟାନ ଦେଇ ଏହି ବଗିଚା ପ୍ରସ୍ତୁତ କଲେ ଲାଭ ମିଳିଥାଏ।



ଉପଯୋଗ ଜମିର ମାଟିକୁ ଗୁଣ୍ଡ କରି ସମତୁଲ କରି କିଆରିକୁ ଛୋଟ ଛୋଟ ପଟାଳି କରାଯାଏ। ଏହାକୁ ସାମାନ୍ୟ ଉଚ୍ଚ କରିବା ସହ ପାଣି ନିରିଡିବା ପାଇଁ ବ୍ୟବସ୍ଥା କରି

ଆକାଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୧୯ ନଭେମ୍ବର ୨୦୨୭

ନେତାଙ୍କ ଜିଭ
ସୁଭାଷ ପଟ୍ଟନାୟକ

ମୁଖ ଭଙ୍ଗାରିତ ଶବ୍ଦ ଅସ୍ତ୍ରଠାରୁ ଅଧିକ ପରାକ୍ରମଶାଳୀ ଓ ଔଷଧ ଠାରୁ କ୍ଷିପ୍ର ଉପଶମକାରୀ । ଏହାର ପ୍ରୟୋଗ ଅନାରୋଗ୍ୟ କ୍ଷତ ସୃଷ୍ଟି କରିପାରେ ତ ବୁଜାରୋଗ୍ୟ କ୍ଷତର ମଧ୍ୟ ଭରଣା କରିଦେଇ ପାରେ । ଜାହାରିକୁ ମାନସିକ ଆଘାତ ଦେବା, ଅପମାନିତ କରିବା ଓ ବିନମ୍ର କରିବେବାର କ୍ଷମତା ଥାଏ ସୁଖିନଃସୃତ ଭାଷାର । ତେଣୁ ଶବ୍ଦଟିଏ ଉଚ୍ଚାରଣ କରିବା ପୂର୍ବରୁ ଅଟକିରହି ତାକୁ ପରୀକ୍ଷା କରିନେବା ବିଧେୟ । ଭାଷାର ଉଚିତ ପ୍ରୟୋଗ ମନୁଷ୍ୟ ଜୀବନରେ ଏକ ମୌଳିକ ଭୂମିକା ଗ୍ରହଣ କରିଥାଏ । ଦେବକ ଯୋଗାଯୋଗର ମାଧ୍ୟମ ଭାବରେ ରୁହେଁ ବରଂ ବ୍ୟକ୍ତିର ଚରିତ୍ର, ମନୋଭାବ ଓ ଆଚରଣର ପ୍ରତିଫଳନ ଭାବରେ ମୌଖିକ ଭାଷାର ଗୁରୁତ୍ୱ ସର୍ବାଧିକ । ଭଦ୍ର ଓ ସଭ୍ୟାତ୍ମକ ବକ୍ତବ୍ୟ ସାମାଜିକ ସଂପର୍କକୁ ସୁଦୃଢ଼ କରିବା ସହିତ ଶତ୍ରୁକୁ ମଧ୍ୟ ବଶୀଭୂତ କରିପାରେ । ସ୍ଥୂଳ ବୃଦ୍ଧିଗତ ପରିବେଶ ସୃଷ୍ଟି ପାଇଁ ମୌଖିକ ଭାଷା ପ୍ରୟୋଗରେ ଶାଳୀନତା ଅପରିହାର୍ଯ୍ୟ । ପ୍ରତ୍ୟେକ ସାମାଜିକ ଓ ବୃତ୍ତିଗତ ସଂପର୍କର ଉଭୟ ପାର୍ଶ୍ୱରେ ଥିବା ବ୍ୟକ୍ତି ପରସ୍ପର ପ୍ରତି କିପରି ଭାଷା ପ୍ରୟୋଗ କରିବେ ତା'ର ମଧ୍ୟ ଏକ ଅଲିଖିତ ନିୟମ ରହିଛି । ଅପଶବ୍ଦର ପ୍ରୟୋଗକୁ ଶାସ୍ତ୍ରରେ 'ବାଣୀ ହିଂସା'ର ଆଖ୍ୟା ଦିଆଯାଇଛି । ଗର୍ହିତରେତର ମଧ୍ୟ ଉଲ୍ଲେଖ ଅଛି, 'ନ ତୁଦୁଭ୍ରାୟ ସ୍ପୃହୟେତ୍' । ଅପଶବ୍ଦର ପ୍ରୟୋଗ ସ୍ପୃହଣୀୟ ନୁହେଁ । ଏହି ପରିପ୍ରେକ୍ଷୀରେ ଦେଶର ସର୍ବୋଚ୍ଚ ଆସନାସୀନ ବ୍ୟକ୍ତି ତଥା ରାଜନୀତି ଜଗୁଥିବା ସମସ୍ତ ନେତା ପରଷ୍ପର ପ୍ରତି କିପରି ଭାଷା ପ୍ରୟୋଗ କରିବେ ତା'ର ମଧ୍ୟ ଏକ ଶିଷ୍ଟାଚାରଗତ ବିଧି ରହିବା ଉଚିତ । ମାତ୍ର ଦେଖାଯାଉଛି ଯେ, ନେତାମାନେ ଭାଷା ପ୍ରୟୋଗର ଲକ୍ଷ୍ମଣରେଖା ପାର ହୋଇଗଲେଣି । ପଦମର୍ଯ୍ୟାଦା ଭୁଲି ପରସ୍ପର ପ୍ରତି ଅଶାଳୀନ ଭାଷାର ପ୍ରୟୋଗ ଓ ବ୍ୟକ୍ତିଗତ ଆକ୍ଷେପ ଏବେ ଆଉ ଅଶିଷ୍ଟ ହୋଇ ରହିନାହିଁ । ରାଜନୈତିକ ପ୍ରତିପକ୍ଷ ପ୍ରତି ଅଶୋଭନୀୟ ମନ୍ତବ୍ୟ ଦେବା ଏ ଦେଶରେ ନୂଆ ଲଥା ନହଲେ ମଧ୍ୟ ଅରୁଚିକର ଭାଷାର ପ୍ରୟୋଗ ଆରମ୍ଭ ହେଲା ୨୦୦୪ର ଲୋକସଭା ନିର୍ବାଚନ ଜାଲରେ, ଯେତେବେଳେ ଗୁଜୁରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏକ ଜନସଭାରେ ପ୍ରତିପକ୍ଷ ଜାତୀୟ ରାଜନୈତିକ ଦଳର ରାଷ୍ଟ୍ରୀୟ ସଭାନେତ୍ରୀଙ୍କୁ 'ଜର୍ସିଗାଇ' ଓ ତାଙ୍କ ପୁତ୍ରଙ୍କୁ 'ହାଇବ୍ରିଡ ବାଛୁରୀ' ସମ୍ବୋଧନ କଲେ । ଏହାର ଜବାବ ତାଙ୍କୁ ମିଳିଲା ୨୦୦୭ରେ । ସଂପୃକ୍ତ ଜାତୀୟ ଦଳର ସଭାନେତ୍ରୀ ଉକ୍ତ ମୁଖ୍ୟମନ୍ତ୍ରୀଙ୍କୁ ସର୍ବସମକ୍ଷରେ 'ମୌତ କା ସୌଦାଗର' ଓ 'ଖୁନ କା ବଦାଲା' କହି ଉତ୍ତର ଫେରାଇଲେ । ଏହା ପରଠାରୁ ଅପଶବ୍ଦ ପ୍ରୟୋଗର ଧାରା ସୀମାତିରିକ୍ତ ହୋଇଛି । ଶାସକ ଦଳ ବିରୋଧୀ ପକ୍ଷକୁ 'ଜଂଗ୍ରେସ କି ବିଧବା', 'ମୁଜରା କରେଗା', 'ଜଂଗ୍ରେସ କି ସେହବାଦା', 'ବିବି ଓ ବିବି', 'ପପ୍ପୁ', 'ସଦ୍ଦାମ ହୁସେନ' ଏବଂ 'ପଚାଶ କୋଟର ଗାର୍ଲଫ୍ରେଣ୍ଡ' ଇତ୍ୟାଦି ବ୍ୟକ୍ତିଗତ ଅପଶବ୍ଦର ପ୍ରୟୋଗ କଲାବେଳେ ବିରୋଧୀମାନେ ଶାସକ ଦଳର ମୁଖ୍ୟଆଙ୍କୁ 'ନୀଚ୍ ଆଦମୀ', 'ଚୌକିଦାର ଚୋର', 'ଚାୟୱାଲା', 'ଟିଫଳର' ଓ 'ରାବଣ' ଆଦି ଅଶାଳୀନ ଶବ୍ଦ ପ୍ରୟୋଗ କରୁଛନ୍ତି । ନିକଟରେ ବିରୋଧୀ ଦଳର ସଭାପତି ପ୍ରଧାନମନ୍ତ୍ରୀଙ୍କୁ 'ଜସକା ବାତ୍ ଜି ଜାୟେଗା' କହିଥିଲେ । ମନେ ଥିବ, ପ୍ରଧାନମନ୍ତ୍ରୀ ମଧ୍ୟ କିଛି ବର୍ଷ ପୂର୍ବେ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କୁଆ କରି 'ଇସ ରେନକୋଟ୍ ପିଛି କିପରି ଗାଧୋଇବାକୁ ହୁଏ, ସେ ସ୍ପୃହ ଜାଣନ୍ତି' କହି ଆକ୍ଷେପ କରିଥିଲେ । ରାଜନୀତିରେ ଥିବା ନେତାମାନଙ୍କ କ୍ଷେତ୍ରରେ ଭାଷା ପ୍ରୟୋଗର ଅନେକ ଗୁରୁତ୍ୱ ରହିଛି । ଜଣେ ବ୍ୟକ୍ତିର ଚରିତ୍ର, ଶିକ୍ଷାଦୀକ୍ଷା, ମନୋଭାବ ଓ ଆଚରଣର ପ୍ରତିଫଳନ ତା'ର କଥିତ ଭାଷାରେ ହିଁ ହୋଇଥାଏ । ତେଣୁ ଭାଷା ବ୍ୟବହାରରେ ସଂଯମ ନେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଭଲ, ଭଦ୍ର ଓ ସଭ୍ୟାତ୍ମକ କଥାଭାଷା ସାମାଜିକ ସଂପର୍କକୁ ସୁଦୃଢ଼ କରି ଜନତାଙ୍କ ସହିତ ସେମାନଙ୍କର ସୁସମନ୍ୱୟ ରକ୍ଷା କରିଥାଏ । ଜଣେ ନେତାର ପଛରେ ଆଥାନ୍ତି ଏକ ବିଶାଳଜନତା । ନେତାର ଆଚରଣ ଓ ଉଚ୍ଚାରଣ ସେମାନଙ୍କୁ ପ୍ରଭାବିତ କରିଥାଏ । ବ୍ୟକ୍ତିଗତ ମୂଲ୍ୟବୋଧ ଓ ଚରିତ୍ର ଜନତାଙ୍କ ନିକଟରେ ନେତାର ଭାଷା ମାଧ୍ୟମରେ ବ୍ୟାଖ୍ୟାନ ହୋଇଥାଏ । ତେଣୁ ନେତାର ଯୋଗ୍ୟତାକୁ ଜନତା ତଉଲିବା ସମୟରେ ତା'ର ଆଚରଣ ଓ ଉଚ୍ଚାରଣକୁ ମଧ୍ୟ ବିଚାରକୁ ନେଇଥାନ୍ତି । ସୁନ୍ଦର ବାକ୍ୟଟିଏ ହୃଦୟକୁ ଜିଣି ନେଇପାରେ ଓ ଶତ୍ରୁକୁ ମିତ୍ର କରିଦେଇ ପାରେ । ବିପରୀତ କ୍ଷେତ୍ରରେ ଫଟ ବିପରୀତ ହେବା ସ୍ୱାଭାବିକ । ଦ୍ରୌପଦୀ ଯଦି ଦୁର୍ଯୋଧନଙ୍କ ପ୍ରତି 'ଅନ୍ଧର ପୁତ୍ର ଅନ୍ଧ' ଆକ୍ଷେପ କରି ନଥାନ୍ତେ ମହାଭାରତ ଯୁଦ୍ଧ ହୋଇ ନଥାନ୍ତା । ରାଜନୀତିରେ ଦେହି କାହାରି ଶତ୍ରୁ ନୁହନ୍ତି । ଶାସକ ହୁଅନ୍ତୁ କି ବିରୋଧୀ ଦଳ ହୁଅନ୍ତୁ, ସମସ୍ତେ ଜନତାଙ୍କ ପାଇଁ ହିଁ କାର୍ଯ୍ୟ କରୁଛନ୍ତି । ଆଜି ଅପର ପକ୍ଷକୁ ଅପଦସ୍ଥ କରୁଥିବା ନେତା ଜାଣି ସେହି ବିପକ୍ଷ ଦଳରେ ଯୋଗ ଦେଇପାରନ୍ତି । ତେଣୁ ଶତ୍ରୁତା ମନଭରି ଜଲେ ମଧ୍ୟ କିଛି ରାସ୍ତା ରଖିଥିବା ଉଚିତ, ଯେମିତି ମିତ୍ର ହୋଇଯିବା ପରେ ଲଜ୍ଜିତ ହେବାକୁ ନପଡ଼େ । ଆଜ ସେ ରାସ୍ତା ହେଉଛି ଜିଭରେ ଲଗାମ । ନେତାମାନେ ଜିଭୁ ଭାବନ୍ତି ବିରୋଧୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ ଜଲେ ବଜର ମୁଖିଆ ଓ ସମର୍ଥକ ଉତ୍ସାହିତ ହେବେ । କଥାଟି ଠିକ୍ ହୋଇପାରେ, ମାତ୍ର ସାଧାରଣ ଜନତା ଖୁସି ହେବେ ତ ? ସଂସଦ ମଧ୍ୟରେ ଯେଉଁ ଶବ୍ଦକୁ ଅସାମ୍ବିଧାନିକ କହି ନେତାମାନେ ପ୍ରତ୍ୟାଖ୍ୟାନ କରିଦିଅନ୍ତି ସଂସଦ ବାହାରେ ତାହା ସାମ୍ବିଧାନିକ ହେବ କେମିତି ? ଅବଶ୍ୟ କିଛି ନେତା ତାହାନ୍ତି ତାଙ୍କପ୍ରତି ଅପଶବ୍ଦ ପ୍ରୟୋଗ ହେଉ, ଯାହାକୁ ଆଧାର କରି ସେମାନେ ଭୋଟରଙ୍କ ଅନୁକମ୍ପା ପାଇପାରିବେ ! ତେଣୁ ଏ ବ୍ୟାଧିର ଜଲକ ଗୋଟିଏ ଆରୋଗ୍ୟ ଉପଚାର ହେଉଛି ଜନଅବାଲଡ ଓ ନାଗରିକ ସମାଜର ସକ୍ରିୟତା । ବିନେ ଘୁଣା ପ୍ରେମକୁ କହିଲା, ସମସ୍ତେ ଜୁମ୍ବୁଡ଼େ ଚାହିଁଲେ ଜ'ଣ ହେବ, ପୃଥିବୀ ତ ମୋ ଅଞ୍ଚିଆରେ । ତୁମେ ଯୁଆଡ଼େ ଯାଅ ମତେ ହିଁ ପାଇବ । ତୁମର ଆବାହନ ପାଇଁ ଶହେ ଶବ୍ଦର ଆବଶ୍ୟକ ମାତ୍ର ମୁଁ ଗୋଟିଏ ଅପଶବ୍ଦର ପ୍ରୟୋଗ ମାତ୍ରେ ପରହଂସାମ । ପ୍ରେମ ଭରର ଦେଲା, ପରିଶେଷରେ ମୁଁ ହିଁ ତ ସତ୍ୟ ! ଘୃଣା ହସିହସି କହିଲା, ସେ ସତ୍ୟ ମଧ୍ୟରେ ମୁଁ ପରା ରହିଛି ଈର୍ଷା, ଘୃଣା ଓ ଅପଶବ୍ଦ ରୂପରେ ! ଏ ଲେଖାଟି ପଢ଼ି ଉଭୟ ପକ୍ଷର ନେତାମାନେ ପରଷ୍ପରକୁ କହୁଥିବେ: "ଗଲତାଯାଁ ସେ ଜୁଦା ତୁ ଭି ନହିଁ, ହମ ଭି ନହିଁ / ବୋଜନା ଜନସାନ ହେଁ, ଖୁଦା ତୁ ଭି ନହିଁ ମୈଁ ଭି ନହିଁ / ତୁ ମୁଝେ ଖୋଜ ମୈଁ ତୁଝେ ଲଲଜାମ୍ ଦେବେ ହୈଁ ମଗର / ଅପନେ ଅନ୍ଦର ଝାଙ୍କା ତୁ ଭି ନହିଁ, ମୈଁ ଭି ନହିଁ" ।

ଗଣତନ୍ତ୍ରର ହାଲ୍ : ସ୍କୁଲ ପାଠରେ ଅବନତି- ମିସିସିପି ଯାଦୁ ସୁଧାଂଶୁ ଷଡ଼ଙ୍ଗୀ

ସବୁ ଦେଶରେ ସ୍କୁଲ ଶିକ୍ଷାକୁ ଅଧିକ ଫଳପ୍ରଦ କରିବା ପାଇଁ ବିଭିନ୍ନ ପ୍ରଚେଷ୍ଟା ହେଉଛି । ଶିକ୍ଷା ଭିନ୍ନିଭୂମିରେ ଅଧିକ ପୁଞ୍ଜି ବିନିଯୋଗ, ପୂରା ଦେଶ ପାଇଁ ସମାନ ଓ ଆଧୁନିକ ପାଠ୍ୟ ଖସଡ଼ା କାର୍ଯ୍ୟକାରୀ କରିବା, ଶିକ୍ଷକମାନଙ୍କ ପ୍ରଶିକ୍ଷଣରେ ଉନ୍ନତି, ଶିକ୍ଷକ ଓ ଶିକ୍ଷା ପ୍ରଶାସକ ମାନଙ୍କୁ ଉତ୍ତରଦାୟୀ କରିବା ଇତ୍ୟାଦି ପଦକ୍ଷେପ ନିଆଯାଉଛି । ପରିଙ୍ଗଣ୍ୟାନ ସଂସ୍ଥାର ଜରାଯାଇ ବିଭିନ୍ନ ସ୍ତରରେ ସମୀକ୍ଷା ମଧ୍ୟ ହେଉଛି । କିନ୍ତୁ ସ୍କୁଲ ଶିକ୍ଷାର ମାନ ଉଲ୍ଲା ଦଖାଣ୍ଡରେ ଜମିଥିବାର ଜଣା ପଡୁଛି, ଯାହା ଚିନ୍ତାଜନକ । ସେପ୍ଟେମ୍ବର ମାସରେ ୨୦୨୫ ବର୍ଷର 'ପି.ଆଇ.ଏଚ.ଏ.' (ପ୍ରୋଗ୍ରାମ ଫର ଇଣ୍ଟରନେସନାଲ ଷ୍ଟୁଡେଣ୍ଟ ଆସେସ୍‌ମେଣ୍ଟ) ଫଳ ପ୍ରକାଶିତ ହୋଇଛି । ଏଥର ସର୍ବେକ୍ଷଣରେ ଏକାଳବେଟି ଦେଶର ସାତ ଲକ୍ଷ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଭାରତ ଏପର୍ଯ୍ୟନ୍ତ ଏଥିରେ ଭାଗ ନେଇ ନାହିଁ । ୨୦୦୦ ମସିହାରୁ ଜୁମାଗତ ଭାବେ ଜରାଯାଇଥିବା ଏହି ପରୀକ୍ଷାରେ ପନ୍ଦର ବର୍ଷର ଛାତ୍ରଛାତ୍ରୀ ଭାଗ ନିଅନ୍ତି । ସେମାନଙ୍କୁ ତିନିଟି ବିଷୟରେ ପରୀକ୍ଷା ଦେବାକୁ ହୁଏ: ବିଜ୍ଞାନ, ଗଣିତ ଓ ପଠନ । ୨୦୨୫ ମସିହାର ପରୀକ୍ଷାରେ ଚୀନ ଦେଶର ପିଲା ସବୁଠୁ ଭଲ କରିଛନ୍ତି । ଅନ୍ୟ ପକ୍ଷରେ, ସାମଗ୍ରିକ ଭାବେ ଦେଖିଲେ ତିନିଟିଯାକ ବିଷୟରେ ହାରାହାରି ନମ୍ବର ପୂର୍ବ ବର୍ଷଠାରୁ କମିଛି । ସବୁଠାରୁ ଚକିତ କରିଲା ଭଳି ତଥ୍ୟ ହେଲା ୩୮ଟି ଯନ୍ତା ଦେଶ, ଯେଉଁମାନେ 'ଓ.ଇ.ସି.ଡି.' (ଅର୍ଗାନାଇଜେସନ ଫର ଇକୋନୋମିକ କୋଅପରେସନ ଆଣ୍ଡ ଡେଭେଲପମେଣ୍ଟ)ର ସଦସ୍ୟ, ସେମାନଙ୍କ ଛାତ୍ରଛାତ୍ରୀ ଅଧିକ ଖରାପ ନମ୍ବର ରଖୁଛନ୍ତି । ୨୦୧୫ ବର୍ଷ ସହ ତୁଳନା ଜଲେ, ୨୦୨୫ରେ, ଗଣିତରେ ହାରାହାରି ନମ୍ବର କମିଛି ୨୨ ପଏଣ୍ଟ, ପଠନରେ ୨୮ ପଏଣ୍ଟ ଓ ବିଜ୍ଞାନରେ ୧୪ ପଏଣ୍ଟ । ପ୍ରଥମେ ଲାଗୁଥିଲା, ଜୋଭିଡ୍ ବେଳେ ପିଲାଙ୍କ ଶିକ୍ଷା କ୍ଷତିଗ୍ରସ୍ତ ହେଲା, ତେଣୁ ନମ୍ବର କମୁଛି । କିନ୍ତୁ ଏବେ ଦେଖାଯାଉଛି ଯେ ଜୋଭିଡ୍ ପୂର୍ବରୁ ପ୍ରାୟ ୨୦୧୫ରୁ ଛାତ୍ରଛାତ୍ରୀ ଜମ୍ ନମ୍ବର ରଖିବା ଆରମ୍ଭ ଜଲଣି ଏବଂ ଜୋଭିଡ୍ ପରେ ମଧ୍ୟ ଏହା କ୍ରମାଗତ ଭାବେ ଜାରି ରହିଛି । ଏକ ପକ୍ଷରେ ସ୍କୁଲ ଶିକ୍ଷାର ଉନ୍ନତି ପାଇଁ ଅନେକ ପ୍ରକାରର ଉଦ୍ୟମ ହେଉଛି, ଅନ୍ୟ ପକ୍ଷରେ ଫଳ ବିପରୀତ ହେଉଛି । ନମ୍ବର ବଢ଼ିବ କ'ଣ, କମୁଛି । ଆମେ କହୁନାହୁଁ ଯେ ପିଲାମାନେ ପୂର୍ବ ଅପେକ୍ଷା ଜମ୍ ବୁଦ୍ଧିମାନ ହୋଇଗଲେଣି । ଆମେ ଭାବିଥିଲୁ, ସ୍କୁଲରେ ଜୋତାବାଡ଼ି ଠିଆରି ହେଲେ କି ଡିଜିଟାଲ ବୁାକବୋର୍ଡ ଲାଗିଲେ ଛାତ୍ରଛାତ୍ରୀଙ୍କ ଜ୍ଞାନ ବଢ଼ିବ । କିନ୍ତୁ ସେଭଳି ହେଉନାହିଁ । ସ୍କୁଲରେ ଭିଡିଭୁମି, ପ୍ରଶିକ୍ଷିତ ଶିକ୍ଷକ ଓ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଆବଶ୍ୟକ । କିନ୍ତୁ ଏସବୁ ଶିକ୍ଷା ଆହରଣର ମାନରେ ଉନ୍ନତି ଆଣିବାପାଇଁ ଯଥେଷ୍ଟ ନୁହେଁ । ସ୍କୁଲ ଶିକ୍ଷାର ଏହି ନିରାଶାଜନକ ଚିତ୍ର ମଧ୍ୟରେ ଆମେରିକାର ଗୋଟିଏ ରାଜ୍ୟରୁ ଚମତ୍କୃତ ପରିଙ୍ଗଣ୍ୟାନ ମିଳୁଛି, ଯାହାକୁ ଗଣମାଧ୍ୟମ 'ମିସିସିପି ମିରାକଲ୍' ବା 'ମିସିସିପି ଯାଦୁ'ର ଆଖ୍ୟା ଦେଇଛନ୍ତି । କିନ୍ତୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୋଇଥାଏ ଯେ, ମିସିସିପିର ସଫଳତା କୌଣସି ଯାଦୁ ନୁହେଁ । ଯୁକ୍ତରାଷ୍ଟ୍ର ଆମେରିକାର ପଚାଶଟି ରାଜ୍ୟ ମଧ୍ୟରୁ ସବୁଠୁ ଗରିବ ଓ ପଛୁଆ ହେଲା ମିସିସିପି । ୨୦୧୩ ମସିହା ବେଳକୁ ସ୍କୁଲ ଶିକ୍ଷା ସୟନ୍ଧୀୟ ସବୁ ସର୍ବେକ୍ଷଣରେ ମିସିସିପିକୁ ମିଳୁଥିଲା ୪୯ତମ ବା ୫୦ତମ ସ୍ଥାନ, ଅର୍ଥାତ୍ ଶେଷ ଆଡୁ ପ୍ରଥମ । କେହି ଏହି ଫଳାଫଳକୁ ପ୍ରଶ୍ନ କରୁ ନଥିଲେ । ସମସ୍ତେ ଧରି ନେଇଥିଲେ ଯେ ପରୀକ୍ଷା ଫଳର ସାମାଜିକ ଅନଗ୍ରସରତା ସାଥିରେ ସିଧା ସମ୍ପର୍କ ଅଛି । ପିଲା ଯଦି ଭଲ ନମ୍ବର ରଖୁ ନାହାନ୍ତି, ତା'ହେଲେ, ଶିକ୍ଷକ ବା ସରକାର ତାହାର କିଛି କରି ପାରିବେନି । ତେଣୁ ଏହି ସ୍ଥିତି ପାଇଁ କେହି ଜବତଦାୟୀ ହୁଅନ୍ତି । ଶିକ୍ଷକ କହୁଥିଲେ, "ଆମେ ଅବା ଚ'ଣ କରିବୁ, ବାପା-ମା'ମାନେ ପିଲାଙ୍କ ଯତ୍ନ ନେଉ ନାହାନ୍ତି'', "ପିଲାଙ୍କର ପଢ଼ିବାର ମନୋବୃତ୍ତି ନାହିଁ''।

ଏକଲବ୍ୟରୁ ଉତ୍କର୍ଷ ପର୍ଯ୍ୟନ୍ତ :ଜନଜାତି ଶିକ୍ଷାର ରୂପାନ୍ତରଣ

ମୁଁ ସବାସର୍ବଦା ଏକଥା ଦୃଢ଼ଭାବରେ ବିଶ୍ୱାସ କରିଆସିଛି ଯେ, ଜଣେ ଶିଶୁକୁ ଶିକ୍ଷିତ କରିବା କେବଳ ତାହାର ବ୍ୟକ୍ତିଗତ ଭବିଷ୍ୟତ ଗଢ଼ିବା ନୁହେଁ । ଏହା ପରିବାରର ରୂପାନ୍ତରଣ, ଗୋଷ୍ଠୀର ସଶକ୍ତୀକରଣ ଏବଂ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନର ମାଧ୍ୟମ ମଧ୍ୟ ହୋଇଥାଏ । ମୋତେ ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ତେଲଙ୍ଗାନାର ଜନଜାତି ବହୁଳ କ୍ଷେତ୍ରରେ ସେବା କରିବାର ସୁଯୋଗ ମିଳିଥିବା ସମୟରେ ମୁଁ ଜନଜାତି ଶିକ୍ଷା ଉପରେ ସର୍ବଦା ବିଶେଷ ଗୁରୁତ୍ୱ ଦେଇଥିଲି । ଯେପରି ଜଣେ ଶିଶୁ ଶିକ୍ଷାରୁ ବଞ୍ଚିତ ନହୁଏ, ସେଥିପାଇଁ ମୁଁ ବିଶ୍ୱବିଦ୍ୟାଳୟଗୁଡ଼ିକୁ 'ସ୍କୁଲ୍ ଜନେକ୍ଟ' କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ସହ ଯୋଡ଼ିବାକୁ ପର୍ବତା ଆହ୍ୱାନ ଦେଇଆସିଛି । ଆଜି, ନଭେମ୍ବର ୧୫ ତାରିଖରେ, ଆମେ ମହାନ ଜନନାୟକ ବିଧାତାରୀ ଫଗ୍ଗାମୀ ତଥା ସାହସ, ତ୍ୟାଗ ଓ ଔପନିବେଶିକ ଶୋଷଣ ବିରୋଧୀ ପ୍ରତିରୋଧର ପ୍ରତୀକ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ଅବସରରେ 'ଜନଜାତୀୟ ଗୌରବ ଦିବସ' ପାଳନ କରୁଛୁ । ମୋ ମତରେ, ଆମର ସମସ୍ତ ମହାନ ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ବାସ୍ତବ ଶ୍ରଦ୍ଧାଞ୍ଜଳି ହେବ ଜନଜାତି ଶିଶୁମାନଙ୍କ ଶିକ୍ଷା ଓ ବକ୍ଷତା ବିକାଶ ବ୍ୟବସ୍ଥାର ରୂପାନ୍ତରଣ, ଯାହାଦ୍ୱାରା ସେମାନେ କେବଳ ନିଜକୁ ସଶକ୍ତ କରିପେରାହିଁ, ବରଂ ସମାଜକୁ ମଧ୍ୟ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ଭାରତ ଯେତେବେଳେ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏକ ନୂତନ ପଥରେ ଆଗକୁ ବଢୁଛି, ସେତେବେଳେ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ନିରବରେ ଜନଜାତି ଶିଶୁମାନଙ୍କ ଶିକ୍ଷାକ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ରଚନା କରୁଛି । ଏହି ଆବାସିକ ବିଦ୍ୟାଳୟଗୁଡ଼ିକ ଜନଜାତି ଶିଶୁମାନଙ୍କୁ ନିଜସ୍ୱ ସମୁଦାୟର ପରିବେଶ ମଧ୍ୟରେ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଛି । 'ଏକଲବ୍ୟ' ନାମଟି ନିଜ ଭିତରେ ଏକ ଗଭୀର ପ୍ରେରଣାଦାୟକ ବାର୍ତ୍ତା ବହନ କରେ । ମହାଭାରତରେ ଏକଲବ୍ୟ ଜଣେ ସୁଦକ୍ଷ ଧନୁର୍ଦ୍ଧର, ଯିଏ ଗୋପଚାରିତ ଶିକ୍ଷାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଅସାଧାରଣ ନିଷ୍ଠା, ଶୃଙ୍ଖଳା ଓ ଦୃଢ଼ସଂକଳ୍ପ ବଳରେ ଧନୁର୍ବିଦ୍ୟାରେ ପାରଦର୍ଶିତା ହାସଲ କରିଥିଲେ । ତାଙ୍କ ଜୀବନୀ ଆମକୁ ମନେ ପକାଇବିୟ ଯେ, ପ୍ରତିଭା ସହିତ ଶିକ୍ଷଦ୍ୟାର ଅଦମ୍ୟ ଇଚ୍ଛା ଥିଲେ ଯେକୌଣସି ବଡ଼ ବାଧାକୁ ଅତିକ୍ରମ କରାଯାଇପାରିବ । ଆଜି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟଗୁଡ଼ିକ ଏହି ଜାହାଣୀର ଏକ ନୂତନ ଅଧ୍ୟାୟ ରଚନା କରୁଛନ୍ତି । ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ଆମ ଜନଜାତି ଶିଶୁମାନଙ୍କୁ ଅନୁଷ୍ଠାନଗତ ସହାୟତା, ଗୁଣାତ୍ମକ ଶିକ୍ଷା ଏବଂ ନିଜ ସ୍ୱପ୍ନ ସାକାର କରିବାର ସୁଯୋଗ ପ୍ରଦାନ କରାଯାଉଛି । ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ଏହି ଯୋଜନାକୁ ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଏକ ନୂତନ ଗତି ମିଳିଛି । ୨୦୧୮-୧୯ ମସିହାର କେନ୍ଦ୍ରୀୟ ବଜେଟ୍‌ରେ ଶ୍ରୀ ମୋଦିଜୀ ଏହି ଯୋଜନାର ପରିସରକୁ ବ୍ୟାପକ କରିଥିଲେ । ଜନଗଣନା ୨୦୧୧ ଅନୁଯାୟୀ, ଯେଉଁ ବ୍ଲକ୍‌ଗୁଡ଼ିକରେ ୫୦%ରୁ ଅଧିକ ଅନୁସୂଚିତ ଜନଜାତି ଜନସଂଖ୍ୟା ଏବଂ ଅତି କମ୍ରେ ୨୦,୦୦୦ ଜନଜାତି ବାସିନ୍ଦା ଅଛନ୍ତି, ସେଠାରେ ଗୋଟିଏ ଲେଖାଏଁ ଇଏମଆରଏସ ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଥିଲା । ଏହି ଗୋଟିଏ ପଦକ୍ଷେପ ଦ୍ୱାରା ଦୂର୍ଗମ ଅଞ୍ଚଳଗୁଡ଼ିକରେ ମଧ୍ୟ ସିବିଏସ୍‌ଇ'ର ଅନୁରୂପ ଶିକ୍ଷାର ସୁଯୋଗ ପହଞ୍ଚିପାରିଛି, ଯେଉଁଠାରେ ପୂର୍ବରୁ ଏପରି ବିଦ୍ୟାଳୟର ସୁବିଧା ନଥିଲା । ଇଏମଆରଏସ ଯୋଜନାର ଗଠନ ଓ ଉଦ୍ଦେଶ୍ୟ ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହା ଜନଜାତି ଶିଶୁମାନଙ୍କ ପାଇଁ ସମାବେଶୀ ଓ ସମାନତାଭିତ୍ତିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଏ । ଅନ୍ୟ ବିଦ୍ୟାଳୟଗୁଡ଼ିକରେ ଅନୁସୂଚିତ ଜନଜାତିଙ୍କ ପାଇଁ ୭.୫% ଙ୍ଗକକ୍ଷଣ ଥିବାବେଳେ, ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ବିଦ୍ୟାଳୟଗୁଡ଼ିକରେ ଅତି କମ୍ରେ ୯୦% ଛାତ୍ରଛାତ୍ରୀ ଜନଜାତି ସମୁଦାୟର ଅଟନ୍ତି । ଆହୁରି ଆନନ୍ଦର ବିଷୟ ହେଉଛି, ଏହି ବିଦ୍ୟାଳୟଗୁଡ଼ିକରେ ୫୦% ଆସନ ଛାତ୍ରୀମାନଙ୍କ ପାଇଁ ଙ୍ଗକକ୍ଷିତ ରହିଛି, ଯାହା ଏକ ଅତ୍ୟନ୍ତ ଗୁରୁତ୍ୱ





ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ



ଝାରସୁଗୁଡା,୧୮/୧୧(ନି/ପ): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରେସ୍ କ୍ଲବ ମିଳିତ ଆନୁକୂଲ୍ୟରେ ଆଜି ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲ ଅଡିଟୋରିୟମ ଠାରେ ଜିଲ୍ଲା ସ୍ତରୀୟ 'ଜାତୀୟ ପ୍ରେସ୍ ଦିବସ - ୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ଥୀମ୍ "ସାମ୍ବାଦିକତା: ଲୋକପ୍ରିୟତା / ଜର୍ଜରିତ୍ୟବୋଧ" ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ସାମ୍ପ୍ରତିକ ସମୟରେ ଡାଟଂଷ୍ୟକର ଖବର ପରିବେଷଣ ଅପେକ୍ଷା ତଥ୍ୟଭିତିକ, ବିଶ୍ୱସନୀୟ ଏବଂ ଦାୟିତ୍ୱବୋଧ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତୁଳବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଳାସ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ, ଜିଲ୍ଲା ପ୍ରେସ୍ କ୍ଲବ ସଭାପତି ପ୍ରଶାନ୍ତ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ଡଃ. ସ୍ୱର୍ଣ୍ଣମୟୀ ପୁରୋହିତ ଏବଂ ବରିଷ୍ଠ ନାଗରିକ ସଂଘର ସଭାପତି ବାଳଗୋବିନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଚ୍ଚାସୀନ ଥିଲେ। ସଭାର ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ମତବ୍ୟକ୍ତ କରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତୁଳବନ୍ଧୁ ଭୋଇ କହିଥିଲେ ଯେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସାମ୍ବାଦିକମାନେ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଏକ ମଜବୁତ ସେତୁ ପରି କାର୍ଯ୍ୟ କରୁଛନ୍ତି। ସେହିପରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଳାସ କୁମାର ପ୍ରଧାନ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ, ବିଜିଟାଲ୍ ଯୁଗରେ ଖବରର ଦ୍ରୁତ ପ୍ରସାରଣ ମଧ୍ୟରେ ସତ୍ୟତା ଓ ବିଶ୍ୱସନୀୟତା ବଜାୟ ରଖିବା ହିଁ ଜଣେ ପ୍ରକୃତ ସାମ୍ବାଦିକର ପରିଚୟ। ଜିଲ୍ଲା ପ୍ରେସ୍ କ୍ଲବ ସଭାପତି ପ୍ରଶାନ୍ତ ମହାନ୍ତି କହିଥିଲେ ଯେ, କ୍ଷଣସ୍ଥାୟୀ ଲୋକପ୍ରିୟତା ନିମ୍ନ ଚାଟଲାଖର ଖବର ପଛରେ ନଯାଇଁ ସାମ୍ବାଦିକମାନେ ନିଜର ସାମାଜିକ ଜର୍ଜବ୍ୟବୋଧକୁ ସର୍ବଦା ଅଗ୍ରାଧିକାର ଦେବା ଉଚିତ। ଅନ୍ୟତମ ଅତିଥି ତଥା କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ଡଃ. ସ୍ୱର୍ଣ୍ଣମୟୀ ପୁରୋହିତ ବୃଣମୂଳ ସ୍ତରର ବିକାଶମୂଳକ ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଂଚାଇବାରେ ଗଣମାଧ୍ୟମର ସକାରାତ୍ମକ ଭୂମିକାକୁ ପ୍ରଶଂସା କରିଥିବା ବେଳେ ସାମ୍ବାଦିକମାନଙ୍କର ନିର୍ଭୀକ ଓ ନିରପେକ୍ଷ ଜଳନ ଚାଳନା ସମାଜକୁ ସଠିକ୍ ଦିଗଦର୍ଶନ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରୁ ସାମ୍ବାଦିକ ଅଜୟ କୁମାର ଶର୍ମା, ଜୀବନ କୁମାର ମହାନ୍ତି, ମହେନ୍ଦ୍ର କୁମାର ସାଏ, ଭୂପାଳ ଚନ୍ଦ୍ର ବେହେରା, ଓଟୁଜେ ସଭାପତି, ଉମାକାନ୍ତ ପଣ୍ଡା ଏବଂ ପ୍ୟାରେଲାଲ ଶ୍ରୀବାସ୍ତବ ପ୍ରମୁଖ ଅଂଶଗ୍ରହଣ କରି ସାମ୍ବାଦିକତାର ଆହ୍ୱାନ ଓ ଦାୟିତ୍ୱବୋଧ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏଥିସହ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଛାତ୍ରୀ ମାମିନା ମିଞ୍ଜ ମଂଚ ସଞ୍ଚାଳନ କରିଥିବା ବେଳେ ସାମ୍ବାଦିକତାର ଭୂମିକା ଉପରେ ନିଜର ଅଭିଜ୍ଞତା ରଖିଥିଲେ।ସଭାରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟାୟରେ 'ସଏଲତା ଡ୍ୟାନ୍ସ ଏକାଡେମୀ'ର ଝୁମ୍ବଲ ପ୍ରଧାନଙ୍କ ତତ୍ୱାବଧାନରେ ଜୁନିକୁନି ଜଳାଜାରମାନେ ମନୋମୁଗ୍ଧକର ସମଲପୁରୀ, ଓଡିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ବେହେରାମାଲ ଆଶ୍ରମ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ଆଦିବାସୀ ନୃତ୍ୟ ବର୍ଦ୍ଧାଳମାନଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଜଳାଜାରମାନଙ୍କୁ ଉତ୍ତରୀୟ, ପୁଷ୍ପତାରା ଏବଂ ମୋମେମେଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷଣପ୍ରଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ନିତାକ୍ ଭୋଇ, ମନଚୋଧ ବଗର୍ତି, ରବିନ୍ଦ୍ର ନିଆଲ, ସୁନୀତା ଗଣ୍ଡା, ଜଗନ୍ନାଥ ରାଉତ ଏବଂ ରାମଚନ୍ଦ୍ର ବଇଠା, ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

ଝାରସୁଗୁଡ଼ା ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ



ଝାରସୁଗୁଡ଼ା,୧୮/୧୧(ନି/ପ): ଓୟୁଜେ ଦ୍ୱାରା ଅନୁବଚ୍ଛିତ ଝାରସୁଗୁଡ଼ା ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଜାତୀୟ ପ୍ରେସ ଦିବସ ୨୦୨୬ ଇଞ୍ଜିନିୟରିଂ ସ୍କୁଲ ପ୍ରେକ୍ଷାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି ।ସଂଘର ଜିଲ୍ଲା ସଭାପତି ଭୂପାଳ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କର୍ଯ୍ୟମାନ ସମୟରେ ସୁରକ୍ଷିତ ସାମ୍ବାଦିକତା ଓ ସାମ୍ବାଦିକ ସୁରକ୍ଷା ଆଇନର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ଏହାସହ ସାମ୍ବାଦିକତା ଲୋକପ୍ରିୟତାଓ ଜର୍ଜବ୍ୟବୋଧ ଉପରେ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ସୂଚନା ଦେଇଥିଲେ ।ଏହାସହ ସଂଘର ସଦସ୍ୟତା ନବୀକରଣ ପ୍ରକ୍ରିୟା ଆସନ୍ତା ତିନି ଦିନ ମଧ୍ୟରେ ଶେଷ କରିବାକୁ ନିଷ୍ପତି ନିଆଯାଇଥିଲା ଏ ଅନୁଷ୍ଠିତ ସଭାରେ ଉପସଭାପତି ପ୍ୟାରେଲାଲ ଶ୍ରୀବାସ୍ତବ, ଉପସଭାପତି ବିଜୟ ସାହୁ, ସମ୍ପାଦକ ଭୁଜ୍ଜ ବିହାରୀ ପଟେଲ, କୋଷାଧ୍ୟକ୍ଷ ବିଲେଶ୍ୱର ବାଗ, ଉପଦେଷ୍ଟା ପ୍ରଶାନ୍ତ ମହାନ୍ତି, ଉମାକାନ୍ତ ପଣ୍ଡା, ଜାର୍ତି ଚନ୍ଦ୍ର ବହିବାର, ସୁଭାଷ ସାହୁ, ସୁମନ୍ତ ଶେଖର ବହିବାର, ପୂର୍ବତନ ସାଧାରଣ ସମ୍ପାଦକ ଭରତ ପାତ୍ର, ଅଜୟ ଶର୍ମା, ରବି ସାହୁ, ବିକ୍ରମ ମହାପାତ୍ର, ସଞ୍ଜୟ ବାହୁବଳେନ୍ଦ୍ର, ଆଶ୍ରିତ ସାହୁ, ନାଳାୟର ସାହୁ, କ୍ଷେତ୍ରବାସୀ ଜରାଜି, ଜିତୁ ସାହୁ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଯୋଗଦେଇଥିଲେ ।

ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ବିଡ଼ିଓଙ୍କୁ ୫ ଦଫା ଦାବିପତ୍ର

ଝାରସୁଗୁଡ଼ା,୧୮/୧୧(ନି/ପ): ଝାରସୁଗୁଡ଼ା ଜିଲ୍ଲା କୋଇବିରା ବ୍ଲକ ସୋଡାମାଳ ପଚାୟତ ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ଆଦିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ସମ୍ବଳିତ ଦାବିପତ୍ରକୁ ସୋମବାର କୋଇବିରା ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ର ଅନୁଯାୟୀ, ପୂର୍ବ ଜନଗଣନାରେ କୋଇବିରା ବ୍ଲକ ରେ ୪୮ ପ୍ରତିଶତ ଆଦିବାସୀ ରହିଛନ୍ତି। ମାତ୍ର ଏବେ ଏହି ବ୍ଲକ ରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆଦିବାସୀ ଅଛନ୍ତି । ଏଣୁ ପୁଣି ଥରେ ଜାତି ଜନଗଣନା କରାଯାଇ କୋଇବିରା ବ୍ଲକକୁ ଆଦିତି ବ୍ଲକ ର ମାନ୍ୟତା ଦେବା, ଆଦିବାସୀ ବହୁଳ ଅଂଚଳରେ ଗ୍ରାମସଭା ବୈଠକକୁ ପ୍ରାଧାନ୍ୟ ଦେବାପାଇଁ ପେସା ଆଇନକୁ ଲାଗୁ କରିବା, ଧର୍ମ କୋଡ଼ ରେ ଆଦିବାସୀ ଧର୍ମକୁ ସ୍ଥାନିତ କରିବା, ଆଦିବାସୀ ଅଂଚଳରେ ଶିକ୍ଷାର ପ୍ରସାର କରାଯାଇ ଓ ଇଇଜେରା ଠାରେ ମଞ୍ଜୁଲ ପାଇଥିବା ଏକଲବ୍ୟ ମଡେଲ ସ୍କୁଲକୁ ଶୀଘ୍ର କାର୍ଯ୍ୟକାରୀ କରାଯାଇ ଏବଂ ଆଦିବାସୀ ମାନଙ୍କ ଜଙ୍ଗଲ ଜମି ଅଧିକାରୀ ଆଇନ ୨୦୦୬ କୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ନେଇ ଦାବୀପତ୍ରରେ ଉଲ୍ଲେଖ ରହିଛି । ସମ୍ମିଳିତ ଆଦିବାସୀ ସମାଜର ସଭାନେତ୍ରୀ ପଦ୍ମିନୀ ମୁଣ୍ଡା, ସମ୍ପାଦକ ତପନ ଜାଲୋ, ଉପଦେଷ୍ଟା ପ୍ରେମସାଗର ଧୁରୁଆ, ଜୟମଙ୍ଗଲ ବୁଢା, ଖୁସିରାମ ବୁଢା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ । ବିଡ଼ିଓଙ୍କ ଅନୁପସ୍ଥିତିରେ ସେକ୍ସନ ଅଫିସର ପୃଥ୍ୱୀରାଜ ଗୌଡ ଦାବୀପତ୍ରକୁ ଗ୍ରହଣ କରିଥିଲେ।



ବାତ୍ୟା 'ଅକଓ୍ୱାନ' ପାଇଁ କନ୍ଧମାଳରେ ବ୍ୟାପକ ପ୍ରସ୍ତୁତି

ଫୁଲବାଣି,୧୮/୧୧(ନି/ପ): ବାତ୍ୟା 'ଅକଓ୍ୱାନ'ରୁ ବୃଷ୍ଟିରେ ରକ୍ଷାସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ସ୍ଥାନୀୟ ବ୍ଲକ ଏବଂ ଏନଏଡି ପ୍ରଶାସନ ପକ୍ଷରୁ ଆଜୁଥା ପ୍ରସ୍ତୁତି ଆରମ୍ଭ ହୋଇଛି। ଭୂସ୍ଖଳନ ଆଶଙ୍କା ଥିବା ଦୁର୍ଗମ ଓ ଅପହଂଚ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଜାବ ପାଇଁ ପୂର୍ବାହ୍ନରେ ପ୍ରସ୍ତୁତ କରାଯାଇଛି। ବାତ୍ୟା ଏବଂ ବର୍ଷା ସୂଚନା ମିଳିବେ ଜଳିଛୀ ଘଟିକଥା ସମସ୍ତଙ୍କ ମନରେ ଆତିଥାଏ। ବାତ୍ୟା ଆସୁଛନା ଏବଂ ବର୍ଷା ହେବା ସମ୍ଭାବନା ଭିତରେ ପୁଣିଥରେ ଜଳିଛୀ ଘଟିବର ହେବା ନେଇ ଆଶଙ୍କା ଦେଖା ଦେଇଛି। ଜଳମାଳ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ପାଳନ କରି ଏନ୍ଡିଆରଏଫ୍ ଟିମ୍ ଫୁଲବାଣି ଠାରେ ପହଂଚିଛି। ଅନ୍ୟ ପଟେ ଫୁଲବାଣି ବ୍ଲକ ଅନ୍ତର୍ଗତ ଲିଙ୍ଗୀଗଡ଼ ପଚାୟତର ସୁଖାକାଣ୍ଡି ଓ ହାତୀଝୁରା, ଜଦମାସାହି ସମେତ ବିଭିନ୍ନ ଅଂଚଳକୁ ଗୋଳକୁ ସ୍ଥାନାନ୍ତର କରାଯାଇ ଲିଙ୍ଗୀଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟରେ ରହିଥିବା ପଚାୟତର ଜିଲାପାଙ୍କୀ ସ୍ଥଳରେ ଆଶ୍ରୟ ସ୍ଥଳ ପ୍ରସ୍ତୁତ କରାଯିବା।

କୋଟପାଡ଼ରେ ଏନ.ଆଇ.ଏଫ୍. ଔଷଧୀୟ ବୃକ୍ଷ ଓ ପାରମ୍ପରିକ ଚିକିତ୍ସା ଜ୍ଞାନ କର୍ମଶାଳା

ଜୟପୁର,୧୮/୧୧(ନି/ପ): କୋରାପୁଟ ଜିଲ୍ଲାର କୋଟପାଡ଼ସ୍ଥିତ ଗୋପବନ୍ଧୁ ପାଠାଗାରଠାରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନସ୍ଥ ନ୍ୟାସନାଲ୍ ଇନୋଭେସନ୍ ଫାଉଣ୍ଡେସନ୍ (ଜାତୀୟ ଉଦ୍ଭାବନ ଫାଉଣ୍ଡେସନ୍-ଭାରତ) ପକ୍ଷରୁ ଔଷଧୀୟ ବୃକ୍ଷ ଓ ପାରମ୍ପରିକ ଚିକିତ୍ସା ଜ୍ଞାନ ଉପରେ ଆଧାରିତ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଗୋବିନ୍ଦ ଚନ୍ଦ୍ର ନାୟକ, ବନ ରେଞ୍ଜ ଅଧିକାରୀ କୋଟପାଡ଼ ଯୋଗଦେଇ କହିଲେ ଯେ, କୋଟପାଡ଼ ଭଳି ଅଂଚଳର ଜଙ୍ଗଲ ବିଭିନ୍ନ ପ୍ରକାର ଔଷଧୀୟ ଉଦ୍ଭିଦର ଗଚ୍ଚୀ ଘର ହୋଇଥିବାରୁ ଏଥିରୁ ହେବ ନାହିଁ। ଏଠାକାର ଲୋକ ଏହି ଜଙ୍ଗଲରୁ ଅନେକ ଔଷଧୀୟ ଉଦ୍ଭିଦକୁ ଔଷଧ ତିଆରି କରି ରୋଗ ନିରାକରଣରେ ସାହାଯ୍ୟ କରୁଛନ୍ତି। ନ୍ୟାସନାଲ୍ ଇନୋଭେସନ୍ ଫାଉଣ୍ଡେସନର ବରିଷ୍ଠ ଯୋଜନା ଅଧିକାରୀ ସୁବ୍ରତ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଲେ ଯେ, କୋରାପୁଟ ଜିଲ୍ଲାରେ ଅନେକ ପାରମ୍ପରିକ ବୈଦ୍ୟ ଓ ଔଷଧୀୟ ଉଦ୍ଭିଦ ସମ୍ପର୍କରେ ଅଭିଜ୍ଞତା ରଖିଥିବା ବ୍ୟକ୍ତି ରହିଛନ୍ତି। ସେମାନଙ୍କର ପାରମ୍ପରିକ ଜ୍ଞାନ ଓ ଅନୁଭୂତିକୁ ଚିହ୍ନଟ କରିବା, ଲିପିବଦ୍ଧ କରିବା ଏବଂ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରଖିବା ଏହି କର୍ମଶାଳାର ଅନ୍ୟତମ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମର ଆୟୋଜକ କୋଟପାଡ଼ ଯୁବ ବୈଜ୍ଞାନିକ ତଥା ଶିକ୍ଷାବିତ୍ ଡଃ. ଅମୁଲ୍ଲୁରୀ ବିଶ୍ୱନାଥ କହିଛନ୍ତି ଯେ, କୋଟପାଡ଼ ଭଳି ଆଦିବାସୀ ଓ ଗ୍ରାମାଂଚଳରେ ପ୍ରଚଳିତ ପାରମ୍ପରିକ ଚିକିତ୍ସା ପଦ୍ଧତି, ଔଷଧୀୟ ବୃକ୍ଷଲତାର ଉପଯୋଗିତା ଏବଂ ଏହାର ସୁରକ୍ଷା ଓ ପ୍ରୋତ୍ସାହନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା। ଏହି କର୍ମଶାଳା କୋଟପାଡ଼ରେ ପ୍ରଥମ ଥର ଆୟୋଜିତ କରାଯାଇଅଛି, ଯାହା ଏହି ଅଂଚଳ ପାଇଁ ଗର୍ବ ଏବଂ ଆନନ୍ଦର ବିଷୟ ବୋଲି ସେ କହିଥିଲେ। ଏହି କର୍ମଶାଳାରେ ଅବସରପ୍ରାପ୍ତ କୃଷି ଅଧିକାରୀ ଶୈଳେନ୍ଦ୍ର ମହାନ୍ତି, ବରିଷ୍ଠ ବୈଦ୍ୟରାଜ ତୁଲରାମ୍ ଚଲାଣ, କୋଟପାଡ଼ ମହାବିଦ୍ୟାଳୟ ବୋଟନୀ ପ୍ରାଧାପକ ଗୌତମ ରଥ, କୋଟପାଡ଼ ଅଂଚଳର ହାତ୍‌ଯୋଡ଼ା ବୈଦ୍ୟ, ସାପ କାମୁଡା ନିବାରଣ ବୈଦ୍ୟ, କୁକୁର କାମୁଡ଼ା ନିବାରଣ ବୈଦ୍ୟ, ପିତ, ବାତ, ଜଣ୍ଡିସ, କ୍ଷୁର, ଝାଡ଼ା ବାନ୍ତି, ମୁଣ୍ଡବ୍ୟଥା ବିଭିନ୍ନ ରୋଗର ନିବାରଣ ଔଷଧୀୟ ଗଛ ଜଣ ବୈଦ୍ୟ, କୋଟପାଡ଼ ଅଞ୍ଚଳରେ ଜଳାଜିରା ଚାଉଳ, ସେଟଂଚ ଚାଉଳ ଉତ୍ପାଦନ କରୁଥିବା ୧୦ ଜଣ କୃଷକମାନେ, ସ୍ଥାନୀୟ ଲୋକ, ଛାତ୍ରୀମାନେ ଯୋଗଦେଇଥିଲେ। ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ମିଳେଟ ବିଷୟ ଉପଲକ୍ଷେ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାର ପିଠା, କୁସ, ଖୁଡା, ଚକୁଳି, ବିସ୍କୁଟ, କେକ, ଜାଉ ଆଦି ପ୍ରସ୍ତୁତ କରି ପୁଷ୍ଟିକର ଖାଦ୍ୟର ପରିଚୟ ଦେଇଥିଲେ।

କିର୍ମିରା ବ୍ଲକ ଅନ୍ତର୍ଗତ ଭାଲୁପତ୍ରା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୧୮/୧୧(ନି/ପ): ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି କିର୍ମିରା ବ୍ଲକ ଅନ୍ତର୍ଗତ ଭାଲୁପତ୍ରା ଆଶ୍ରମ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରି ବିଦ୍ୟାଳୟର ଭିନ୍ନିଭୂମି ଏବଂ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ସମଗ୍ର ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ନିର୍ମାଣାଧୀନ ଅତିରିକ୍ତ ଶ୍ରେଣୀଗୃହ ଏବଂ ମଧ୍ୟାହ୍ନ ଭୋଜନ ରୋଷେଇ ଘରର କାର୍ଯ୍ୟ ଅଗ୍ରଗତି ତଦାରଖ କରିଥିଲେ। ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସଞ୍ଜୀବ କୁମାର ପଟ୍ଟେଲ ଏବଂ କିର୍ମିରା ମଙ୍କଳ ଅଧିକାରୀ ସଞ୍ଜିତା ମହାନ୍ତ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ନିର୍ମାଣାଧୀନ ଶ୍ରେଣୀଗୃହ ଏବଂ ମଧ୍ୟାହ୍ନ ଭୋଜନ ରୋଷେଇ ଘରର କାର୍ଯ୍ୟ ଅଗ୍ରଗତି ତଦାରଖ କରିଥିଲେ। ନିର୍ମାଣ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହ ଏହାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀଗୃହ ସମେତ ଛାତ୍ରଛାତ୍ରୀମାନେ ବ୍ୟବହାର କରୁଥିବା ଶୌଚାଳୟ ଓ ସ୍ନାନାଗାରଗୁଡ଼ିକର ପରିମଳ ବ୍ୟବସ୍ଥା ବୁଲି ଦେଖିଥିଲେ। ବିଦ୍ୟାଳୟ ପରିସରରେ ଥିବା ପୁରାତନ ତଥା ବିପଦସଙ୍କୁଳ ଭଗ୍ନ ଛୋଟାକୁ ହଟାଇ ସେହି ସ୍ଥାନରେ ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ନୂତନ ଶୌଚାଳୟ ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

କିର୍ମିରା ବ୍ଲକସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଝାରସୁଗୁଡ଼ା,୧୮/୧୧(ନି/ପ):ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି କିର୍ମିରା ବ୍ଲକ ମୁଖ୍ୟାଳୟଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧ୍ୟକ୍ଷ ସୋନାଲୀ ସିଂହ ପରମାରଙ୍କ ଯୁଗ୍ମ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧ୍ୟକ୍ଷ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସିଧାସଳଖ ଶୁଣିବା ସହ ସେଗୁଡ଼ିକର ତୃରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଶୁଣାଣି ଶିବିରରେ ମୋଟ ୨୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା, ଯେଉଁଥିରେ ୧୫ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ଅନ୍ତର୍ଭୁକ୍ତ ରହିଛି । ବିଶେଷ କରି ଗ୍ରାମାଂଚଳର ରାସ୍ତାଘାଟ ନିର୍ମାଣ ଓ ମରାମତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ, ସାମାଜିକ ସୁରକ୍ଷା ଭତା, ଆଲୋକୀକରଣ, ଏବଂ ଧାନ ଭୁସ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଗୁଡ଼ିକ ଜନସାଧାରଣଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିଲା ।

ଖଣିଜ ସମ୍ପଦରୁ କୋଟି କୋଟି ରାଜସ୍ୱ, ହେଲେ ଶିକ୍ଷା ପାଇଁ ନାହିଁ ସୁବିଧା

ଝାରସୁଗୁଡ଼ା,୧୮/୧୧(ନି/ପ): ଖଣିଜ ସ



ବେଆଇନ ଦେଶୀ ମଦ ଦୋକାନ ଖୋଲିବା ପ୍ରତିବାଦରେ ବିଶାଳ ଶୋଭାଯାତ୍ରା ଓ ଗଣବିକ୍ଷୋଭ



ରାଉରକେଲା,୧୮/୧୧(ନି/ପ୍ର): ରାଉରକେଲା ଏଡ୍‌ସାଇଡ ଜିଲ୍ଲା ଅଧୀନରେ ଆସୁଥିବା ରାଉରକେଲା, ରଘୁନାଥପାଲ୍ଲୀ ଏବଂ ଲହୁଣୀପଡ଼ା ଅଧୀନରେ ଆସୁଥିବା ପ୍ରତ୍ୟେକ ୱାର୍ଡ଼, ବସ୍ତି ଏବଂ ଗ୍ରାମଗୁଡିକରେ ଦେଶୀ ମଦ ଦୋକାନ ଓ ମଦ ଭାଟି ଖୋଲିବା ପାଇଁ ବରଖାସ୍ତ ଆହ୍ୱାନ କରାଯାଇଛି। ଦିନ ମଜୁରିଆ, ଶ୍ରମିକ, ଛୋଟ ଛୋଟ ପିଲାମାନେ ଏବଂ ବଳିତ ଆଦିବାସୀ ଏହାଦ୍ୱାରା ବର୍ବାଦ ହୋଇଯିବେ। ଗ୍ରାମାଞ୍ଚଳର ନିରୀହ ଜନସାଧାରଣଙ୍କୁ ଶୋଷଣ କରିବାପାଇଁ ସରକାର ଏହି ଦେଶୀ ମଦ ଭାଟି ସ୍ଥାପନ କରିବା ପାଇଁ ନିଷ୍ପତି ନେବା ମୂର୍ଖାଗ୍ୟଜନକ। ଓଡିଶା ସରକାର ଏହି ଦେଶୀ ମଦ ଭାଟି ମାଧ୍ୟମରେ ଭଲ ରାଜସ୍ୱ ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। ସମ୍ବିଧାନର ପଂଚମ ଅନୁସୂଚୀରେ ଆଦିବାସୀମାନଙ୍କୁ ସୁରକ୍ଷା ପ୍ରଦାନ କରୁଛି, ଆଦିବାସୀମାନଙ୍କ ଜମିଜମା ସୁରକ୍ଷା ପାଇଁ ଓଡିଶା ଭେଗୁସେସନ-୨, ୧୯୫୬ ଆଇନ ରହିଛି। ଏଭଳି ଆଦିବାସୀମାନଙ୍କୁ ଶୋଷଣ, ଅନ୍ୟାୟ ଅତ୍ୟାଚାର ଏବଂ ନିର୍ଯ୍ୟାତନାରୁ ସୁରକ୍ଷା ଦେବା ପାଇଁ ବଳିତ ଆଦିବାସୀ ନିୟ୍ୟାତନ ନିବାରଣ ଆଇନ - ୧୯୮୯ ରହିଛି ସେହିଭଳି ଆଦିବାସୀ ବହୁଳ ଜିଲ୍ଲା ସୁନ୍ଦିରେ ଆଦିବାସୀମାନଙ୍କ ସ୍ୱଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ଏବଂ ତାଙ୍କ ପାରମ୍ପରିକ ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ୧୯୯୬ ମସିହାରେ କେନ୍ଦ୍ର ସରକାର ପେସା ଆଇନ ପ୍ରଣୟନ କରିଛନ୍ତି। "ପେସା ଆଇନ-୧୯୯୬ର ଧାରା-୪(ଛ)(ସ) ଅନୁଯାୟୀ ଅନୁସୂଚିତ ଜିଲ୍ଲାମାନଙ୍କରେ ନିଶା ନିବାରଣ ଲାଗୁ କରିବା ବା କୌଣସି ମାଦକ ଦ୍ରବ୍ୟର ବିକ୍ରି ଏବଂ ବ୍ୟବହାର ଉପରେ ନିୟନ୍ତ୍ରଣ ବା ଜବତଣା ଜାରି କରିବାର କ୍ଷମତା ଗ୍ରାମସଭାର ରହିଛି। ସୁନ୍ଦରଗଡ ଜିଲ୍ଲାପାଳ ପେସା ଆଇନ-୧୯୯୬ର ପ୍ରାବଧାନ ଗୁଡିକୁ ଉଲଂଘନ କରି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଦେଶୀ ମଦ ଭାଟି ଖୋଲିବା ବେଆଇନ ହୋଇଥିବା ସତ୍ୱେ ଜିଲ୍ଲାପାଳ ନିଜେ ଆଦିବାସୀ ବହୁଳ ଇଲାକାରେ ଦେଶୀ ମଦ ଭାଟି ସ୍ଥାପନ କରି ଆଦିବାସୀମାନଙ୍କୁ ଆର୍ଥିକ, ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଏବଂ ଶୋଷଣ କରି ତାକୁ ବର୍ବାଦ କରିବା ପାଇଁ ଷଡଯନ୍ତ୍ର ଚଳାଇଛନ୍ତି। ଓଡିଶା ସରକାର ସବୁକିଛି ଜାଣିଶୁଣି ଆଦିବାସୀ ଇଲାକାରେ ଦେଶୀ ମଦ ଭାଟି ଖୋଲିବା ପାଇଁ ଅନୁମତି ପ୍ରଦାନ କରୁଛନ୍ତି। ଓଡିଶା ସରକାର ବ୍ରିଟିଶ ଶାସନର ନୀତି ଅବଲମ୍ବନ କରୁଛନ୍ତି। ଓଡିଶା ସରକାର ଆଦିବାସୀମାନଙ୍କର ପାରମ୍ପରିକ ବ୍ୟବସ୍ଥାକୁ ଧ୍ୱଂସ କରିବାପାଇଁ ଯୋଜନା ଚଳାଇଛନ୍ତି। ଓଡିଶା - ସରକାର ଆଦିବାସୀମାନଙ୍କ ସ୍ୱାଧୀନ ଚିନ୍ତାଧାରାକୁ ନଷ୍ଟ କରିବାକୁ ଚାହୁଁଛନ୍ତି। ଗୋଟିଏ ପଟେ ଓଡିଶା ସରକାର ମଦମୁକ୍ତ ସୁସ୍ଥ ସମାଜ ଗଠନ କରିବା ପାଇଁ ଘୋଷଣା କରୁଥିବା ବେଳେ ଅନ୍ୟପଟେ ଦେଶୀ ମଦ ଭାଟି ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ କରୁଛନ୍ତି। ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଯେମିତିକି ସୁନ୍ଦରଗଡ ଜିଲ୍ଲା ପୁରାପୁରି ଆଦିବାସୀ ଜିଲ୍ଲା ହୋଇଥିବାରୁ ଓଡିଶା ସରକାର ଆଦିବାସୀ ଅଂଚଳର ଆଇନ ବ୍ୟବସ୍ଥାକୁ ଉଲଂଘନ କରିଯେକୌଣସି ପ୍ରକାର ମଦ ଭାଟି ଖୋଲିବା ବେଆଇନ। ଓଡିଶା ସରକାର ଆଦିବାସୀମାନଙ୍କ ଉପରେ ଏବଂ ଆଦିବାସୀମାନଙ୍କ ପ୍ରତି କ୍ଷତି ପହଂଚାଇବା ଭଳି କାର୍ଯ୍ୟକଳାପ କରିପାରିବେ ନାହିଁ। ଆଦିବାସୀମାନଙ୍କର ବିକାଶ କରିବାକୁ ହେଲେ ତାକୁ ଶିକ୍ଷା ଏବଂ ସୋଚ୍ଚଗାରର ଆବଶ୍ୟକ ରହିଛି। ଗାଁ ଗାଁରେ ଦେଶୀ ମଦ ଭାଟି ଖୋଲିବା ଦ୍ୱାରା ଗରୀବ ଖଟିଖିଆ ଏବଂ ଲବେରୀ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ଲାଇସେନ୍ସ ଦିଆଯିବାକୁ ଜିଲ୍ଲା ଗ୍ରାମସଭା ଘୋର ବିରୋଧ କରୁଛି। ଓଡିଶା ସରକାରଙ୍କୁ ଆଦିବାସୀମାନେ ସୂଚେତ ହେବାକୁ ଚାହୁଁ ଜି ଓଡିଶା ରାଜ୍ୟର ସୁନ୍ଦରଗଡ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ (ପଂଚମ ଅନୁସୂଚି ଅଂଚଳ) ସମ୍ବିଧାନର ଧାରା - ୨୪୪(୧) ଅନୁଯାୟୀ ଏହି ଜିଲ୍ଲାର ଏବଂ ଜିଲ୍ଲାର ଆଦିବାସୀମାନଙ୍କର ଶାସନ ଓ ନିୟନ୍ତ୍ରଣ ବ୍ୟବସ୍ଥା ପରିଚାଳିତ ହୋଇଥାଏ । ସୁନ୍ଦରଗଡ ଜିଲ୍ଲାର ଗ୍ରାମାଂଚଳ ଗୁଡିକରେ ଅଧିକାଂଶ ଲୋକ ହେଉଛନ୍ତି ଆଦିବାସୀ । ଶିକ୍ଷାର ଅଭାବ ଏବଂ ସଚେତନ ଅଭାବ ଯୋଗୁଁ ଭାରତ ସାଧାନତାର ୭୮ ବର୍ଷ ପରେ ମଧ୍ୟ ଆଦିବାସୀମାନଙ୍କୁ ସ୍ଥିତି ଏବଂ ଅବସ୍ଥାରେ କୌଣସି ପରିବର୍ତନ ହୋପାରିନାହିଁ । ଏବେ ପର୍ଯ୍ୟନ୍ତ ଆଦିବାସୀମାନେ ଅନୁନ୍ନତ ଅବସ୍ଥାରେ ରହୁଛନ୍ତି । ଆଦିବାସୀମାନଙ୍କ ବିକାଶ ପ୍ରତି ସୁଗୁଦ୍ଦ ଦେବା ବରକାର ନିହୁ ଓଡିଶା ସରକାର ଆଦିବାସୀ ମାନଙ୍କ ପ୍ରତିନିରତର ଅବହେଳା କରିଚାଲିଛନ୍ତି । ରାଉରକେଲା ସହରର ପ୍ରତ୍ୟେକ ୱାର୍ଡରେ ବସବାସ କରୁଥିବା ଗରୀବ ଖଟିଖିଆ, ଦିନ ମଜୁରିଆ, ଶ୍ରମିକ ଶ୍ରେଣୀର ଲୋକମାନେ ଏହି ଦେଶୀ ମଦ ଦୋକାନ ଦ୍ୱାରା ଅଧିକ ପ୍ରଭାବିତ ହେବେ । ଅଭ୍ୟାଚାର, ଅଶାନ୍ତି, ଏବଂ ଅପରାଧୀକ କାର୍ଯ୍ୟକଳାପ ଗାଁ ଗାଁରେ ବଢିବ । ଗ୍ରାମାଂଚଳର ଗରୀବ ଆଦିବାସୀମାନେ ନିଜର ଜୀବନ ଜୀବିକା ପାଇଁ କୃଷି ଏବଂ ଦିନ ମଜୁରିଆ ଉପରେ ନିର୍ଭର କରନ୍ତି।

ଇନର ହୁଇଲର ସାମାଜିକ କାର୍ଯ୍ୟକ୍ରମ



ରାଉରକେଲା,୧୮/୧୧(ନି/ପ୍ର): ଇନର ହୁଇଲ କ୍ଲବ୍ ଅଫ୍ ରାଉରକେଲା ରିଭରସାଇଡ ତରଫରୁ ସାମାଜିକ କାର୍ଯ୍ୟକ୍ରମ ଅରେଞ୍ଜ ବି ୱାଲୁ (ମହିଳା ଓ ବାଳିକା ମାନଙ୍କ ବିରୁଦ୍ଧରେ ହିଂସାକୁ ବନ୍ଦ କରିବା ପାଇଁ ଏହା ଏକ ବିଶ୍ୱସ୍ତରୀୟ ସଚେତନତା କାର୍ଯ୍ୟକ୍ରମ) ଛେଣ୍ଡ ସ୍ଥିତ ହୃଷିକେଶ ରାୟ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ରିଭର ସାଇଡ ର ସଭାପତି ଅଞ୍ଜଳି ହୋତାଙ୍କ ସଭାପତିତ୍ୱ, ସମ୍ପାଦିକା ମଞ୍ଜୁଳା ପାତ୍ରଙ୍କ ସଂଯୋଜନାରେ ଏହି ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ସାଗରିକା ନାୟକ, ଡ୍ରାଇମ୍‌ର ବରିଷ୍ଠ ଇନ୍ସପେକ୍ଟର ଉମେଶ ଚନ୍ଦ୍ର ବେହେରା, ସମାଜସେବୀ ତଥା ଆଇନଜୀବୀ ବବିତା ମହାପାତ୍ର,ଡ ମୀନତି ପଣ୍ଡା,ଡ ଜିଶୋବୀ ବାଶ ପ୍ରମୁଖ ଅତିଥି ତଥା ବକ୍ତା ଭାବେ ଯୋଗଦେଇ ନାରୀର ସାମାଜିକ ସୁରକ୍ଷା ଓ ହିଂସା ମୁକ୍ତ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ମହିଳା ଓ ପୁରୁଷଙ୍କ ମଧ୍ୟରେ ତାରତମ୍ୟ ନାହିଁ । ଯଦିଓ ଆମର ପୁରୁଷ ପ୍ରଧାନ ଦେଶ। ତେବେ ନାରୀ ମାନଙ୍କ ପ୍ରତି ମାନସିକ, ଶାରିରୀକ, ଆର୍ଥିକ ଶୋଷଣ ବନ୍ଦ କରିବା, ଯୌନ ନିର୍ଯାତନା,ଲିଙ୍ଗ ଜନ୍ୟ ଭ୍ରୁଣ ହତ୍ୟା, ନାରୀ ହିଂସା ରୋକିବା, ଶାରୀରିକ ଓ ଶିକ୍ଷା ଜଗତେ ଗୁରୁତ୍ୱାରୋପ, ପରିବାରରେ ନାରୀ ମାନଙ୍କ ଭୂମିକା ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ଏହାସହ ନିଶାମୁକ୍ତ ଅଭିଯାନ, ଆବଶ୍ୟକ ସ୍ଥଳେ ୧୧୨ ନମ୍ବରର ଉପଯୋଗ,ଡ଼ସ୍ପ୍ର ଗଞ୍ଜେଇ ଠାରୁ ଦୂରେଇ ରହିବା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ସହ ଛାତ୍ର ଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତର ଅତିଥି ମାନେ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ୍ ର ଅନିତା ନାୟକ,ଭାରତୀ ଭର,ମୀନା ଶତପଥୀ, ଆରତୀ ପଣ୍ଡା, ପୁସ୍ପିୟା ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀମତୀ ହୋତା ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ସମ୍ପାଦିକା ଶ୍ରୀମତୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅନୁଷ୍ଠାନ ତରଫରୁ ବିଦ୍ୟୁତ ଜଲୋନୀ ସରକାରୀ ବିଦ୍ୟାଳୟ ଠାରେ ଏକ ବିଜ୍ଞାନ ସମ୍ପର୍କିତ ପ୍ରଦର୍ଶନୀ ତଥା ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ତଥା ଭଲ ପ୍ରଦର୍ଶିତ କରିଥିବା ମଡେଲ ଓ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ସହ ସମସ୍ତଙ୍କ ମଧ୍ୟରେ ଖାଡା,ଜଲମ, ଚକୋଲେଟ୍‌ ବଂଟନ କରାଯାଇଥିଲା।

ବୁଢୁବରଡା ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୧୮/୧୧(ନି/ପ୍ର): ଯାଜପୁର ଜିଲ୍ଲା ରଘୁପୁର ବ୍ଲକ ବୁଢୁବରଡାସ୍ଥ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଂଘରେ ନୂତନ ଭାବରେ ଯୋଗ ଦେଇଥିବା ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ସଂଘ ସଭାପତିଆସନରେ ଥାଇସେନ ଖାଁଙ୍କ ସଭାପତିତ୍ୱରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ଥିଲା । ସଂଘ ସମ୍ପାଦକ ବିଶ୍ୱନାଥ ପଣ୍ଡା କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ନାରାୟଣ ପ୍ରସାଦ ଦାସ,ନିମାଇଁଚରଣ ଦାସ ,ତ୍ରିଲୋଚନ ମହାପାତ୍ର,ଚଳମୁଲ ହୋସେନ,ରଉଫ୍‌ଖାଁପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନର ସଂଘର କାର୍ଯ୍ୟପନ୍ଥା ସମ୍ପର୍କରେ ମତ ରଖି ଥିଲେ ।

ସ୍ୱର୍ଗୀୟ ଶ୍ରୀ ଅଶୋକ ସିଂଘଲ ଜୀଙ୍କ ପୂଣ୍ୟତିଥି ଅବସରରେ ରକ୍ତଦାନ ଶିବିର



ରାଉରକେଲା,୧୮/୧୧(ନି/ପ୍ର): ହିନ୍ଦୁ ହୃଦୟ ସମ୍ରାଟ ସ୍ୱର୍ଗୀୟ ଶ୍ରୀ ଅଶୋକ ସିଂଘଲ ଜୀଙ୍କ ପୂଣ୍ୟତିଥି ଅବସରରେ ଆନ୍ତର୍ଜାତୀୟ ହିନ୍ଦୁ ପରିଷଦ ଏବଂ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ସକାଳ ୦୯:୦୦ ଟାରୁ ଦ୍ୱିପ୍ରହର ୦୨:୦୦ ଟା ପର୍ଯ୍ୟନ୍ତ ଜୋଏଜନଗର ସି ବ୍ଲକ କମ୍ୟୁନିଟି ସେଣ୍ଟରରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ଜଗଦୀପ ରକ୍ଷାଡ଼ା, ରାଉରକେଲା ଜିଲ୍ଲା ଅଧକ୍ଷା ଶ୍ରୀମତୀ ପୂର୍ଣ୍ଣିମା ଝେରକେଟା, ସମାଜସେବୀ ଶ୍ରୀ ସୁରେଶ ଶର୍ମା, ଶ୍ରୀ ରବୀନ୍ଦ୍ର ପାଣ୍ଡବ, ଚୌବେ ସାର, ବିଜେପିର ଯୁବା ନେତା ସନ୍ତୋଷ ବିଶ୍ୱାଳ, ଶ୍ରୀକାନ୍ତ ରାୟ, ଆବିଦ୍ୟ ଡିଙ୍ଗୁରା, ସୌମ୍ୟା ଜେନା, ସୋନୁ ସିଂହ, ସତ୍ୟବାନ ନାୟକ ଓ ରଞ୍ଜିତ ମହାରଣା ପ୍ରମୁଖ ଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ। ଏଥିସହିତ ସ୍ୱର୍ଗୀୟ ଶ୍ରୀ ଅଶୋକ ସିଂଘଲ ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ତାଙ୍କର ରାମମନ୍ଦିର ଆନ୍ଦୋଳନକୁ ସୁରଣ କରାଯାଇଥିଲା। ଏହିରକ୍ତଦାନ ଶିବିରକୁ ସଫଳ କରିବାରେ ରାଷ୍ଟ୍ରୀୟ ବଜରଙ୍ଗ ବଜର ବାସୁଦେବ ଭୁମାର, ଆଶିଷ ମହାରଣା, ପବିତ୍ର ମହାନ୍ତି, ହାପି ପଟ୍ଟନାୟକ, ସୁରଜ ମହତ୍ତା, ଲଲି ସିଂହ, ସୌରଭ ବିଷ୍ଟ, ଦେବାଶିଷ ହୋତା, ପବିତ୍ର ମହାନ୍ତି, ଆଶୀର୍ବାଦ ବରାଳ ତଥା ରାଷ୍ଟ୍ରୀୟ ମହିଳା ପରିଷଦର ଜିଲ୍ଲା ସଭାପତି ବାସନ୍ତୀ ପଟୋ, ଓଜସ୍ୱିନୀର ଜିଲ୍ଲା ସଭାପତି ସୀମା ଚାନ୍ତା, ନିବିଡା ଦୀପ ଏବଂ ଜିଲ୍ଲା ରଞ୍ଜିତ ପ୍ରମୁଖଙ୍କ ପ୍ରୟାସ ଏହି ଆୟୋଜନକୁ ସଫଳ କରିଥିଲା ।

ସମ୍ଭାବ୍ୟ ବାଢ୍ୟା 'ଆକଓ୍ୱାନ' ମୁକାବିଲା ପାଇଁ ନବରଙ୍ଗପୁର ପ୍ରଶାସନର ବ୍ୟାପକ ପ୍ରସ୍ତୁତି


'ଶୂନ୍ୟ ଜୀବନହାନି' ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



ନବରଙ୍ଗପୁର,୧୮/୧୧(ନି/ପ୍ର):ସମ୍ଭାବ୍ୟ ଭୀଷଣ ବାଢ୍ୟା 'ଆକଓ୍ୱାନ' ଏବଂ ଏହାର ପ୍ରଭାବରେ ଜିଲ୍ଲାରେ ହେବାକୁ ଥିବା ପ୍ରବଳରୁ ଅତି ପ୍ରବଳ ବର୍ଷାର ମୁକାବିଲା ପାଇଁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟ ଏହି ବାଢ୍ୟା ଆସନ୍ତା ୨୦ ତାରିଖ ମଧ୍ୟାହ୍ନ ସୁଦ୍ଧା ମଛଲିପଟ୍ଟନମ୍ ଓ ପୁରୀ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଜିଲ୍ଲାରେ ୧୯ ଓ ୨୦ ତାରିଖ ପାଇଁ ଯେଲୋ ଏବଂ ୨୧ ତାରିଖ ପାଇଁ ଓରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ 'ଶୂନ୍ୟ ଜୀବନହାନି' ଲକ୍ଷ୍ୟ ନେଇ ବିଭିନ୍ନ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଶାସନ ପକ୍ଷରୁ ନବରଙ୍ଗପୁର, ଢୋଷାଗୁଡ଼ା ଓ ନୟାବାଣ୍ଡି ବ୍ଲକର ୧୦ଟି ପଚାୟତ ଅନ୍ତର୍ଗତ ୩୪ଟି ବିପଦପ୍ରବଣ ଗ୍ରାମ ଏବଂ ନବରଙ୍ଗପୁର ପୌରାଂଚଳର ୮ଟି ୱାର୍ଡକୁ ଚିହ୍ନଟ କରାଯାଇଛି । ଏହି ଅଂଚଳରୁ ୧୦୬ ଜଣ ଗର୍ଭବତୀ ମହିଳାଙ୍କ ସମେତ ମୋଟ ୨,୧୬୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବ୍ୟାପସୂା ହୋଇଛି । ଏଥିପାଇଁ ୧୦ଟି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ଓ ୧୨୪ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯିବା ସହ ପ୍ରତ୍ୟେକ କେନ୍ଦ୍ରରେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି ।ଉଦ୍ଧାର ଓ ଜରୁରୀକାଳୀନ ସେବା ପାଇଁ ୧୧ଟି ଅଗ୍ନିଶମ ଦଳ, ୩୫ ଜଣିଆ ଗୋତିଏ ଓ୍ୱାଚ୍ ଡଗଇରର) ଦଳ ଏବଂ ମୋଟ ୧୭ଟି ବୋଟ୍ ମୁତୟନ କରାଯାଇଛି । ସ୍ଥାନାନ୍ତରଣ ପାଇଁ ୯୪ଟି ଗାଡ଼ିକୁ ପ୍ରସ୍ତୁତ ରଖାଯାଇଛି ।

ରାଉରକେଲାରେ ୨୨ରେ ପୋଲିଓ ଦିବସ

ସହରର ୨୩୬ଟି ବୁଥ୍‌ରେ ୫ ବର୍ଷରୁ କମ୍ ଶିଶୁଙ୍କୁ ଦିଆଯିବ ଦୁଇ ବୁନ୍ଦା ପୋଲିଓ



ରାଉରକେଲା, ୧୮/୧୧(ନି/ପ୍ର): ଆସନ୍ତା ନଭେମ୍ବର ୨୨ ତାରିଖ ରବିବାର ଦିନ ରାଉରକେଲା ସହରର ୨୩୬ଟି ବୁଥ୍‌ରେ ୦-୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ପୋଲିଓ ପ୍ରତିଷେଧକ ଔଷଧର ଦୁଇ ବୁନ୍ଦା ପ୍ରଦାନ କରାଯିବ । ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହା କୁନେଇ ରାଉରକେଲା ମହାନଗର ନିଗମ ସଭିଳନୀ କକ୍ଷରେ ସ୍ଥୁଳ ଆୟୁକ୍ତ ପଲ୍ଲବୀ ନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଟି ହେଲ୍‌ଥ ସୋସାଇଟି, ଜାତୀୟ ସହରା°ଳ ସ୍ୱାସ୍ଥ୍ୟ ମିଶନ(ଘଟଏଖ), ରାଉରକେଲା ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା । ବୈଠକରେ ପୋଲିଓ ବୁନ୍ଦାକରଣ କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସମସ୍ତ ଶିଶୁଙ୍କୁ ଏହାର ପରିସରଭୁକ୍ତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପୋଲିଓ ଦିବସରେ କୌଣସି ଶିଶୁ ଯେପରି ଟିକାକରଣରୁ ବଂଚିତ ନ ରୁହନ୍ତି, ସେଥିପାଇଁ ଡିସେମ୍ବର ୨୩ ଓ ୨୪ ତାରିଖରେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ନ ନେଇଥିବା ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବାର ବ୍ୟାପସୂା ମଧ୍ୟ ହୋଇଛି। ରାଉରକେଲା ସହରରେ ଏହି ଅଭିଯାନ ପାଇଁ ୬ଟି ମୋବାଇଲ୍ ଟିମ୍ ଓ ୨୫ଟି ଟ୍ରାଞ୍ଜିଟ୍ ଟିମ୍ ନିୟୋଜିତ ହେବେ । ଏହାସହ ୨୬ ଜଣ ସ୍ଥପରଭାଇଜରଙ୍କ ତତ୍ତ୍ୱାବଧାନରେ ମୋଟ ୫୬୨ ଜଣ ସ୍ୱାସ୍ଥ୍ୟ କର୍ମଚାରୀ ଏହି ଅଭିଯାନରେ ନିୟୋଜିତ ହୋଇଛନ୍ତି । ବୈଠକରେ ବୁଥ୍ ଭାବେ ଚିହ୍ନଟ ହୋଇଥିବା ବିଦ୍ୟାଳୟଗୁଡ଼ିକରେ ପୋଲିଓ ବୁନ୍ଦା ପ୍ରଦାନ ଏବଂ ଶିଶୁମାନଙ୍କୁ ବୁଲିବୁଲି ଆଣିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ବୁନ୍ଦାଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାସହ ଅଭିଯାନର ସୁଗାରୁ ପରିଚାଳନା ନିମନ୍ତେ ଆବଶ୍ୟକ ଯାନବାହନ ଯୋଗାଇଦେବାକୁ ଆରଟିଓଙ୍କୁ ଅନୁରୋଧ କରାଯାଇଥିଲା । ପୋଲିଓ ବୁଥାକରଣ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ବିଭିନ୍ନ ଆପାର୍ଟମେଂଟ, ଔଷଧ ଦୋକାନ, ଅଜିଆ ଆବର୍ଜନା ଫୁଗୁହକାରୀ ଗାଡ଼ି ଏବଂ ଗଣମାଧ୍ୟମ ଜରିଆରେ ଜନସଚେତନତା ସୃଷ୍ଟି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ (ଘଏଚ), ରୋଟାରୀ କ୍ଲବ୍ ଓ ଲାୟନ୍ସ କ୍ଲବ୍‌ର ସହଯୋଗ ନେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ୨୨ ନଭେମ୍ବର ରେ ରାଜ୍ୟର ୧୭ଟି ଜିଲ୍ଲା ଓ ୫ଟି ମହାନଗର ନିଗମ ଅଂଚଳରେ ଏହି ପୋଲିଓ ବୁଥାକରଣ କାର୍ଯ୍ୟକ୍ରମ କରାଯିବ । ବୈଠକରେ ଏଡିସୁପିଏଚଓ ତଥା ଆରଏମ୍‌ପି ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନୀଲ ଜଷ୍ଟିନ